# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୧୦ ◆ ସଂଖ୍ୟା- ୧୦ ◆ ଭୁବନେଶ୍ୱର ◆ ସୋମବାର ◆ ଅକ୍ଟୋବର ୨୬ରୁ ନଭେମ୍ବର ୦୧, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-10 ◆ Issue-10 ◆ Bhubaneswar ◆ Monday ◆ October 26 to November 01, 2026 ◆ Page-8 ◆ Price Rs.4.00



KIIT 30 PURPOSE TO PEARL 1997 - 2027

KALINGA INSTITUTE OF INDUSTRIAL TECHNOLOGY

KIIT Deemed to be University

(Established U/S 3 of UGC Act 1956), Bhubaneswar, Odisha, India

Organisation in Special Consultative Status with the United Nations Economic & Social Council (UN-ECOSOC)

*Slow and Steady Wins the Race...*

THE World University Rankings 2027

4th Best

Among All Universities in India

1st in Eastern India

501+ Cohort Globally



Every year, Times Higher Education (THE) publishes its World University Rankings. This year, THE has released the World University Rankings 2027. KIIT has emerged as one of the **best** and **most promising universities** in **India** and **across the globe.** KIIT ranks **4th** among both goverment and private universities in India and is placed in the **501–550 global cohort.** It has also maintained its **1st position** in **Eastern India** despite increased institutional participation worldwide.

- **Best Campus** — Outstanding infrastructure & world-class facilities
- **Best Environment & Ambience** — Supportive learning environment with a vibrant campus atmosphere
- **Student Friendly Campus** — Student-centric approach with comprehensive support services
- **Best Placement** — Excellent Opportunities & Career Outcomes
- **Parent-Friendly Institution** — Transparent communication & parent engagement
- **Modern Student Library** — 24×7 Study Space for Focused Learning

*KIIT is an institute of 29 years (1997–2026) and a Deemed to be University of only 22 years (2004–2026)*

KIIT-DU, Patia, Bhubaneswar, Odisha, India 751024 kiit@kiit.ac.in www.kiit.ac.in

KIIT (Deemed to be University) has only one permanent campus in Bhubaneswar, Odisha.
It has no other campus / off campus anywhere else in the country and globe.


# ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନେଇ ଖଡଗେଙ୍କ ବୟାନରେ ନିଆଁବାଣ ବିଜେପି



ନୂଆଦିଲ୍ଲୀ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଦେଇଥିବା ବିବାଦୀୟ ଟିପ୍ପଣୀକୁ ନେଇ ବିଜେପି ନେତାମାନେ ନିଆଁବାଣ ହୋଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦଳ ପ୍ରତିଦିନ ଅଶିଷ୍ଟାଚାରର ସୀମା ପାର କରୁଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ କଂଗ୍ରେସ ଦଳ ଦ୍ୱାରା ସମାନ ଢଙ୍ଗର ପୂର୍ବ ବୟାନକୁ ଉଲ୍ଲେଖ କରି ସେ କହିଛନ୍ତି ଯେ ମୁଖ୍ୟ ବିରୋଧୀ ଦଳ ପାଖରେ ଆଉ କୌଣସି ପ୍ରସଙ୍ଗ ନାହିଁ ଏବଂ ସେମାନେ କେବଳ ଗାଳି-ଗୁଲଜର ରାଜନୀତି କରୁଛନ୍ତି।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୋସିଆଲ ମିଡିଆରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ବୟାନର ଜବାବ ଦେଇଛନ୍ତି। ସେ ଲେଖିଛନ୍ତି, 'ପାଟନାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରିବାର ଏବଂ ତାଙ୍କର ସ୍ୱର୍ଗତ ପିତାଙ୍କ ସମ୍ପର୍କରେ ଅଭଦ୍ର ଟିପ୍ପଣୀ କରି ଅଶିଷ୍ଟାଚାରର ସମସ୍ତ ସୀମା ଲଙ୍ଘିଛନ୍ତି। ଏହା ପ୍ରଥମ ଥର ନୁହେଁ ଯେତେବେଳେ କଂଗ୍ରେସ ଦଳ ମୋଦୀ ଜୀ କିମ୍ବା ତାଙ୍କ ପରିବାର ବିରୁଦ୍ଧରେ ଅପମାନଜନକ ଭାଷା ବ୍ୟବହାର କରିଛି। କେତେବେଳେ, ସେମାନେ ତାଙ୍କ ପୂଜ୍ୟ ମାତାଙ୍କ ବିରୁଦ୍ଧରେ ଅପମାନଜନକ ଭାଷା ବ୍ୟବହାର କରିଛନ୍ତି, କେତେବେଳେ ତାଙ୍କୁ 'ମୃତ ସୌଦାଗର' କହି, ଆଉ କେତେବେଳେ ତାଙ୍କୁ 'ଚାଏବାଲା' କହି ତାଙ୍କ ଦାରିଦ୍ର୍ୟର ପରିହାସ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ, କଂଗ୍ରେସ ଦଳ ପ୍ରତିଦିନ ଅଶାଳୀନତାର ସୀମା ପାର କରୁଛି।' ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇ ଗୃହମନ୍ତ୍ରୀ କହିଛନ୍ତି ଯେ, କଂଗ୍ରେସ ଦଳ ପ୍ରତିଦିନ ଅଭଦ୍ରତାର ନୂତନ ସୀମା ଅତିକ୍ରମ କରୁଛି। ସେ ଲେଖିଛନ୍ତି, 'ଗତ ୧୨ ବର୍ଷ ଧରି କ୍ରମାଗତ ଭାବେ ମିଳୁଥିବା ନିର୍ବାଚନୀ ପରାଜୟ ଯୋଗୁଁ କଂଗ୍ରେସ ଦଳରେ ହତାଶା ଏବଂ ନିରାଶା ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ, ବର୍ତ୍ତମାନ ନା ସେମାନଙ୍କ ପାଖରେ କୌଣସି ନୀତି ଅଛି, ନା' କୌଣସି ପ୍ରସଙ୍ଗ। କେବଳ ଗାଳିଗୁଲଜର ରାଜନୀତି ହିଁ ବାକି ରହିଛି।' ସେ ଦାବି କରିଛନ୍ତି ଯେ, ଜନସାଧାରଣଙ୍କ ମଧ୍ୟରୁ ନିଜର ଆଧାର ହରାଇଥିବା କଂଗ୍ରେସ, ବର୍ତ୍ତମାନ ନିଜର କର୍ମକର୍ତ୍ତାମାନଙ୍କ ମଧ୍ୟରୁ ମଧ୍ୟ ଆଧାର ହରାଇବାରେ ଲାଗିଛି।

# ନୀତିନ ନବୀନ ମଧ୍ୟ କଲେ କଡ଼ା ସମାଲୋଚନା

ନୂଆଦିଲ୍ଲୀ,(ଏଜେନ୍ସି): ବିଜେପିର ରାଷ୍ଟ୍ରୀୟ ନେତା ନୀତିନ ନବୀନ ମଧ୍ୟ ଖଡଗେଙ୍କ ବୟାନକୁ ନେଇ କଂଗ୍ରେସ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ସାର୍ବଜନୀନ ମଞ୍ଚରୁ ଏଭଳି ଅମର୍ଯ୍ୟାଦିତ ଏବଂ ଅସଂସଦୀୟ ଭାଷା ବ୍ୟବହାର କରିବା କଂଗ୍ରେସର ବୈଚାରିକ ଦେବାଳିଆପଣକୁ ପ୍ରଦର୍ଶନ କରୁଛି। ସେ କହିଛନ୍ତି ଯେ, ରାଜନୈତିକ ବିରୋଧର ମଧ୍ୟ ଏକ ନିର୍ଦ୍ଦିଷ୍ଟ ଗରିମା ଏବଂ ମର୍ଯ୍ୟାଦା ଥାଏ। କିନ୍ତୁ ସ୍ୱର୍ଗତ ପରିଜନମାନଙ୍କୁ ଭାଷଣରେ ଟାଣିବା ବର୍ତ୍ତମାନ ସମଗ୍ର ବିରୋଧୀ ଦଳର ପ୍ରକୃତ ସଂସ୍କାର ପାଲଟିଯାଇଛି। ଏହା କେବଳ ଖଡଗେଙ୍କ ବୟାନ ନୁହେଁ, ବରଂ ସମଗ୍ର ଦଳର ଶିଷ୍ଟାଚାରହୀନ ଚିନ୍ତାଧାରାର ଏକ ପ୍ରମାଣ ଅଟେ।

ଜାତୀୟ ଚେତନା
JATIYA CHETANA



## ଜଟଣୀରେ ଆର୍‌ବିଆଇ ଡାଟା ସେଣ୍ଟର୍ ଦେଶକୁ ଉତ୍ସର୍ଗ କଲେ ପ୍ରଧାନମନ୍ତ୍ରୀ

# 'ଓଡ଼ିଶାରେ ମାଇଣ୍ଡସରୁ ମାଇକ୍ରୋଚିପ୍ସ ପ୍ରତିଷ୍ଠା ସମ୍ଭବ ହୋଇପାରିଛି'

ଭୁବନେଶ୍ୱର,(ଜା.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଖୋର୍ଦ୍ଧ ଜିଲ୍ଲା ଜଟଣୀର ଇନ୍‌ଫୋଭ୍ୟାଲି-୨ରେ ଆର୍‌ବିଆଇର ଅତ୍ୟାଧୁନିକ ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟରକୁ ଲୋକାର୍ପଣ କରିଛନ୍ତି। ୟୁପିଆଇ, ଏନଇଏଫଟି ଓ ଆରଟିଜିସି ଭଳି ଡିଜିଟାଲ୍ କାରବାରର ତଥ୍ୟ ସୁରକ୍ଷିତ ରଖିବା ସହ ସାଇବର ଆକ୍ରମଣ ଓ ବୈଷୟିକ ସମସ୍ୟା ସମୟରେ ବ୍ୟାଙ୍କିଙ୍ଗ୍ ସେବା ଅବ୍ୟାହତ ରଖିବାରେ ଏହା ସହାୟକ ହେବ।

ଏଠାରେ କ୍ଲାଉଡ୍ କମ୍ପ୍ୟୁଟିଂ, ଏଆଇ ଓ ବିଗ୍ ଡାଟା ଆନାଲିଟିକ୍ସ ସହ ସାଇବର ସୁରକ୍ଷା ପ୍ରଶିକ୍ଷଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଦେଶର ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଓ ସୁଦୃଢ଼ କରିବାରେ ଏହି ଡାଟା ସେଣ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ପ୍ରାୟ ୧୭୦ କୋଟି ଟଙ୍କାରେ ଜଟଣୀର ଇନ୍‌ଫୋଭ୍ୟାଲି-୨ରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଓ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଓ ସାଇବର ସୁରକ୍ଷା ତାଲିମ ପ୍ରତିଷ୍ଠାନ ନିର୍ମାଣ ହୋଇଛି। ଏହା ନଭି ମୁମ୍ବାଇ ପରେ ଦେଶର ଦ୍ୱିତୀୟ ଆରବିଆଇ ଡାଟା ସେଣ୍ଟର। ଏହା ନଭି ମୁମ୍ବାଇର ମୁଖ୍ୟ ଡାଟା ସେଣ୍ଟରର ଡିଜାଷ୍ଟର୍ ରିକଭରୀ ବ୍ୟାକ୍‌ଅପ୍ ଭାବେ କାର୍ଯ୍ୟ କରିବ। ଯଦି କୌଣସି ପ୍ରାକୃତିକ ବିପତ୍ତି, ଆକ୍ରମଣରେ ମୁମ୍ବାଇସ୍ଥିତ ଡାଟା ସେଣ୍ଟର୍ ପ୍ରଭାବିତ ହୁଏ, ତେବେ ଏହି ସେଣ୍ଟରରୁ ବ୍ୟାକ୍‌ଅପ୍ ଜାରି ରହିବ। ଯାହା ଫଳରେ ସାରା ଦେଶର ପୂରା ବ୍ୟାଙ୍କିଙ୍ଗ୍ ଏବଂ ପେମେଣ୍ଟ୍ ସିଷ୍ଟମ୍ (ୟୁପିଆଇ, ଆର୍‌ଟିଜିଏସ୍, ଏନ୍‌ଇଏଫ୍‌ଟି)ରେ କୌଣସି ବାଧା ସୃଷ୍ଟି ହେବନାହିଁ।

ଆଜି ଓଡ଼ିଶା ମାଟିରୁ ଏହାକୁ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଭୁବନେଶ୍ୱରରେ ନୂଆ ସଂସ୍ଥା ଖୋଲିଛି।




ଜଟଣୀରେ ଆର୍‌ବିଆଇର ଡାଟା ସେଣ୍ଟର୍ ଏବଂ ସାଇବର୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ଉଦ୍‌ଘାଟନ ଏକ ମହତ୍ତ୍ୱପୂର୍ଣ୍ଣ ଅବସର। ଏହା ନୂଆ ଭାରତ ନିର୍ମାଣରେ ନୂଆ ଅବଦାନ। ଦେଶର ବିକାଶରେ ଛୋଟ ସହରର ବଡ଼ ଭୂମିକା ରହିବା ଦରକାର। ଆଜିର ଏହି ସଂସ୍ଥା ଓଡ଼ିଶାର ଓ ଦେଶର ବିକାଶ ପାଇଁ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

ପୂର୍ବତନ ସରକାରକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଦେଶରେ ଗରିବଙ୍କ ନାଁ ନେଇ ଦୀର୍ଘ ସମୟ ଧରି ପ୍ରଚାର ପ୍ରସାର ଚାଲିଥିଲା। ୬୦/୭୦ ଦଶକରେ ଗରିବଙ୍କ ନାଁ ନେଇ ବ୍ୟାଙ୍କ ଜାତୀୟକରଣ ହେଲା। ମାତ୍ର ୨୦୧୪ ପର୍ଯ୍ୟନ୍ତ ଗରିବ ଲୋକେ ପ୍ରକୃତ ସେବାରୁ ବଞ୍ଚିତ ହୋଇ ରହିଥିଲେ। ଗରିବଙ୍କୁ ବ୍ୟାଙ୍କ ଖାତା ଖୋଲିବା ପାଇଁ ଗ୍ୟାରେଣ୍ଟର୍‌ର ଦରକାର ପଡୁଥିଲା। ମାତ୍ର ଆଜି ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ଘରେ ଘରେ ପହଞ୍ଚି ପାରିଛି। ପୂର୍ବରୁ କେନ୍ଦ୍ରରେ କ୍ଷମତାରେ ଥିବା କଂଗ୍ରେସକୁ ଇଙ୍ଗିତ କରି ମୋଦି କହିଛନ୍ତି ଯେ ଜଣେ ପ୍ରଧାନମନ୍ତ୍ରୀ କହିଥିଲେ ଟଙ୍କା।ଏ ଦେଲେ ଲୋକେ ୧୫ ପଇସା ପାଉଛନ୍ତି। ମାତ୍ର ଆଜି ଡିବିଟି ଜରିଆରେ ପୂରା ୧ ଟଙ୍କା ଲୋକଙ୍କ ପାଖକୁ ଯାଉଛି। ଆଜି ଅଟଳ ପେନ୍‌ସନ୍ ଜରିଆରେ ଦେଶରେ ୯ କୋଟି ଲୋକ ଉପକୃତ ହେଉଛନ୍ତି। ଆଉ ଓଡ଼ିଶାରେ ୩୮ ଲକ୍ଷ ଲୋକ ଅଟଳ ପେନସନ୍ ଯୋଜନାର ଲାଭ ପାଉଛନ୍ତି। ମାତ୍ର ୨୦ ଟଙ୍କା ପ୍ରିମିୟମରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ମିଳୁଛି। ଆଜିକା ଦିନରେ ଏ ବାବଦରେ ସରକାର ୨୫ ହଜାର କୋଟି ଦେଇ ସାରିଲେଣି।

ବ୍ୟାଙ୍କିଙ୍ଗ ସେଣ୍ଟର ସୁରକ୍ଷିତ ରଖିବା ପାଇଁ ମଜଭୁତ ଡାଟା ସେଣ୍ଟର ଦରକାର। ଆଜିକାଲି ଆଉ ଯୁଦ୍ଧ କେବଳ ଅସ୍ତ୍ରଶସ୍ତ୍ରରେ କରାଯାଉ ନାହିଁ। ଦେଶର ଆର୍ଥିକ ମେରୁଦଣ୍ଡ ଉପରେ ଆକ୍ରମଣ କରାଯାଉଛି। ତେଣୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସୁରକ୍ଷିତ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

ଓଡ଼ିଶାରେ ମାଇଣ୍ଡସରୁ ମାଇକ୍ରୋ ଚିପ୍ସ ପ୍ରତିଷ୍ଠା ସମ୍ଭବ ହୋଇପାରିଛି। ଓଡ଼ିଶାରେ ଡାଟା ସେଣ୍ଟର୍ ପ୍ରତିଷ୍ଠା ହୋଇଥିବାରୁ ନୂଆ ପୁଞ୍ଜି ଆସିବାକୁ ଯାଉଛି। ଓଡ଼ିଶାର ଯୁବ ପିଢ଼ିଙ୍କ ପାଇଁ ଆଗକୁ ନୂଆ ସମ୍ଭାବନା ସୃଷ୍ଟି ହେବାକୁ ଯାଉଥିବା ମୋଦୀ ଦମ୍ଭୋକ୍ତି କରିଛନ୍ତି।

## ବିକଶିତ ଭାରତ ଗଠନରେ ମୋଦିଜୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଗୁରୁତ୍ୱ ରଖିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ 'ମନ୍ କି ବାତ୍' ରେଡିଓ କାର୍ଯ୍ୟକ୍ରମ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମୋଦିଜୀଙ୍କ ୧୩୯ତମ 'ମନ୍ କି ବାତ' କାର୍ଯ୍ୟକ୍ରମ ଶୁଣିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତି ମାସର ଶେଷ ରବିବାରରେ ପ୍ରସାରିତ ହେଉଥିବା ଏହି କାର୍ଯ୍ୟକ୍ରମ ଯୁବବର୍ଗଙ୍କ ମନରେ କିଛି ନୂଆ କରିବା ପାଇଁ ଆଗ୍ରହ ସୃଷ୍ଟି କରୁଛି। କେବଳ ଯୁବବର୍ଗ ନୁହନ୍ତି, ପଛୁଆ ଓ ଆଦିବାସୀ ଅଂଚଳରେ ଯେଉଁ ବ୍ୟକ୍ତିମାନେ ନିଜ ଅଧ୍ୟବସାୟ ବଳରେ ସଫଳତା ହାସଲ କରିଛନ୍ତି ସେମାନଙ୍କ ସଫଳତାକୁ ମୋଦିଜୀ ଏହି କାର୍ଯ୍ୟକ୍ରମ ଜରିଆରେ ଲୋକଲୋଚନକୁ ଆଣିପାରୁଛନ୍ତି। ଏହି କାର୍ଯ୍ୟକ୍ରମ ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ସମ୍ବଲପୁରସ୍ଥିତ ଡେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଂଚଳର ଜଣେ ଆଦିବାସୀ ମହିଳା ମୈଥିଳୀଙ୍କ ପରିବେଶ ସୁରକ୍ଷା ଓ ଆତ୍ମନିର୍ଭରଶୀଳତାର ଉଦ୍ୟମକୁ ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦିଜୀ ସ୍ୱୀକୃତି ଦେଇଥିଲେ। ଏହା ଯୁବଶକ୍ତି ଏବଂ ଅନ୍ୟସବୁ ବର୍ଗର ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇଛି। 'ମନ୍ କି ବାତ୍' କାର୍ଯ୍ୟକ୍ରମ ବିଷୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ମୋଦିଜୀଙ୍କ ଆହ୍ୱାନରେ ସ୍ୱଚ୍ଛତା ଆଜି ସାରା ଦେଶରେ ଏକ ବଡ଼ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ଯୁବସମାଜ ଏହାକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଭୋକାଲ୍ ଫର ଲୋକାଲ୍‌ରେ ସ୍ୱଦେଶୀ ଉତ୍ପାଦକୁ ମୋଦିଜୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଏସ୍‌ଏଚ୍‌ଜି ଓ ମହିଳାମାନଙ୍କ ଗୋଷ୍ଠୀଗତ ଉଦ୍ୟମ ଏବଂ ସେଗୁଡ଼ିକର ଉପଯୁକ୍ତ ମାର୍କେଟିଂ ଉପରେ ପ୍ରଧାନମନ୍ତ୍ରୀ କହିଛନ୍ତି। ମହାରାଷ୍ଟ୍ରର ଆଦିବାସୀ ମହିଳାମାନଙ୍କ ଦ୍ୱାରା ପରିଚାଳିତ 'ଶବରୀ ନ୍ୟାଚୁରାଲ୍ସ' ଏବଂ କର୍ଣ୍ଣାଟକର ଉଦାହରଣ ଦେଇ ଉତ୍ପାଦର ଉନ୍ନତ ପ୍ୟାକେଜିଂ କିଭଳି ବଜାର ସୃଷ୍ଟି ଓ ରୋଜଗାର ବୃଦ୍ଧିରେ ସହାୟକ ହୋଇପାରିଛି, ସେ ବିଷୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ କହିଛନ୍ତି। ଆଧୁନିକ ଟେକ୍ନୋଲୋଜି ଜରିଆରେ କିପରି ସମସ୍ୟାର ସମାଧାନ କରାଯାଇପାରିବ ସେ ବିଷୟରେ ପ୍ରଧାନମନ୍ତ୍ରୀ 'ମନ କି ବାତ' କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଦୁର୍ଗମ ଅଂଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିପରି ଏହି ଟେକ୍ନୋଲୋଜିର ବ୍ୟବହାର କରାଯାଇପାରିବ ତାହାର ଉଦାହରଣ ଦେବାକୁ ଯାଇ 'ଇ-ସଞ୍ଜୀବନୀ' ବିଷୟରେ କହିଥିଲେ। ସୁଦୂର ଆଣ୍ଡାମାନ-ନିକୋବର ଏବଂ ଲକ୍ଷାଦ୍ୱୀପ ଭଳି ଦୁର୍ଗମ ଅଂଚଳରେ 'ଇ-ସଞ୍ଜୀବନୀ' ମାଧ୍ୟମରେ ଲୋକଙ୍କୁ ଡାକ୍ତରୀ ପରାମର୍ଶ ଓ ଔଷଧ ଯୋଗାଇ ସୁସ୍ଥ କରାଯିବା କଥା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହା ଦେଶର ଡିଜିଟାଲ୍ ସ୍ୱାସ୍ଥ୍ୟସେବା ବିପ୍ଳବର ଏକ ଉତ୍କୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟ ସଭା ସାଂସଦ ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ କାର୍ଯ୍ୟାଳୟରେ 'ମନ କି ବାତ୍' କାର୍ଯ୍ୟକ୍ରମ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନିତା ଶୁଭଦର୍ଶିନୀ, ବିଧାୟକ ନବୀନ ଜୈନ୍, ଓମ୍ ପ୍ରକାଶ ମିଶ୍ର, ରାଜ୍ୟ ବିଜେପି ଉପସଭାପତି ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ବିରିଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ କୋଷାଧ୍ୟକ୍ଷ ଅଜୟ କୁମାର ଅଗ୍ରୱାଲ, ରାଜ୍ୟ ସ୍ୱଚ୍ଛ ଭାରତ ସଂଯୋଜକ ମହେଶ୍ୱର ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଘନୀଭୂତ ହେଉଛି ଗଭୀର ଅବପାତ: ଆନ୍ଧ୍ର ଦେଇ ଓଡ଼ିଶାରେ ପ୍ରବେଶ କରିବ ବାତ୍ୟା

ଭୁବନେଶ୍ୱର,(ଜା.ପ୍ର): ବଙ୍ଗୋପସାଗରରେ ଆସନ୍ତା ୨୬ରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବାତ୍ୟାକୁ ନେଇ ହଇଚଇ। ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ୨୮ ମଧ୍ୟାହ୍ନରେ ଆନ୍ଧ୍ରରେ ମାଡ଼ ହେବ ଓ ଓଡ଼ିଶାରେ ପ୍ରଭାବ ଛାଡ଼ିବ। ଆନ୍ଧ୍ର ଦେଇ ଏହା ଓଡ଼ିଶାରେ ପ୍ରବେଶ କରିବ। ଏଥିଯୋଗୁ ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହାର ମୁକାବିଲା ପାଇଁ ଓଡ଼ିଶା ଠାରୁ ଆରମ୍ଭ କରି ଆନ୍ଧ୍ରରେ ଚାଲିଛି ପ୍ରସ୍ତୁତି। ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଥମେ ଘନୀଭୂତ ହୋଇ ଅବପାତ ଓ ଆଉ ଏବେ ଏହା ଗଭୀର ଅବପାତରେ ପରିଣତ ହୋଇଛି। ଦିନ ସାଢ଼େ ୧୧ରେ ଅବପାତ ଗଭୀର ଅବପାତର ରୂପ ନେଇଛି। ଗଭୀର ଅବପାତରେ ପରିଣତ ହେବା ପରେ ଏହା ଦକ୍ଷିଣପଶ୍ଚିମ ଦିଗରେ ଘଣ୍ଟା ପ୍ରତି ୫ କିମି ବେଗରେ ଆଗକୁ ବଢୁଛି। ସମୁଦ୍ର ଭିତରେ ଘନୀଭୂତ ହେଉଛି ଗଭୀର ଅବପାତ। ଏହା ଆସନ୍ତାକାଲି ଅର୍ଥାତ ୨୬ ତାରିଖରେ ବାତ୍ୟା ଅର୍ଣ୍ଣବର ରୂପ ନେବ ଓ ୨୭ ତାରିଖ ସକାଳ ବେଳକୁ ଅତିଭୀଷଣ ରୂପ ଧାରଣ କରି ସ୍ଥଳ ଭାଗ ମୁହାଁ ହେବ। ଆସନ୍ତା ୨୮ ତାରିଖ ପୂର୍ବାହ୍ନରେ ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିବା ନେଇ ଆକଳନ କରିଛି ପାଣିପାଗ ବିଭାଗ। ସ୍ଥଳଭାଗ ଛୁଇଁବା ବେଳକୁ ପବନର ବେଗ ଘଣ୍ଟାପ୍ରତି ୧୧୫ରୁ ୧୨୫ କିଲୋମିଟର ରହିପାରେ। ଝଟକା ପବନର ବେଗ ୧୪୦ କିଲୋମିଟର ଛୁଇଁପାରେ। ଆନ୍ଧ୍ରରେ ଏହା ମାଡ଼ ହେବା ପରେ ଓଡ଼ିଶାରେ ପ୍ରବେଶ କରିବ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ତାଙ୍କ କହିବା କଥା ଯେ ବାତ୍ୟା ଯୋଗୁ ଓଡ଼ିଶାର ୫ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇପାରନ୍ତି। ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଉପରେ ବାତ୍ୟାର ପ୍ରଭାବ ଅଧିକ ରହିବ। ଏହି ୫ ଜିଲ୍ଲାକୁ କାଟାଗୋରୀ-୧ରେ ରଖି ପ୍ରସ୍ତୁତି କରାଯାଇଛି। କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାକୁ କାଟାଗୋରୀ-୨ରେ ରଖାଯାଇଛି। ବାତ୍ୟା ଆନ୍ଧ୍ର ଦେଇ ଓଡ଼ିଶାକୁ ପ୍ରବେଶ କରିବ। ଦକ୍ଷିଣ ଓଡ଼ିଶାରେ ପ୍ରବେଶ ପରେ ପ୍ରବଳ ବର୍ଷା ହେବ। ପରେ ପଶ୍ଚିମ ଓଡ଼ିଶାକୁ ପ୍ରବେଶ କରି ଛତିଶଗଡ଼ ଯିବ। ଛତିଶଗଡ଼ରୁ ପୁଣି ଟର୍ଣ୍ଣ କରି ଝାଡ଼ଖଣ୍ଡ ଆଡ଼କୁ ଗତି କରିବ। ଛତିଶଗଡ଼କୁ ଯିବା ବେଳେ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷିବ। ଛତିଶଗଡ଼ରେ ବର୍ଷା ହେଲେ ପାଣି ମହାନଦୀକୁ ଆସିବ। ତେଣୁ ପାଣି ରିଲିଜ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି। ଝାଡ଼ଖଣ୍ଡରେ ବର୍ଷା ହେଲେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ପ୍ରଭାବିତ ହୋଇପାରନ୍ତି ବୋଲି ସେ କହିଛନ୍ତି। ଏପଟେ ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ୨୭ ତାରିଖରୁ ରାଜ୍ୟରେ ପ୍ରବଳ ବର୍ଷା ହେବ। ଏଥିଯୋଗୁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ଉପୁଜିପାରେ। ସେହିପରି କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାର ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହେବାର ଆଶଙ୍କା ରହିଛି।

## 'ବିଲଙ୍ଗିଙ୍ଗ୍: ଏ ଜର୍ଣ୍ଣି ଅଫ୍ ଲଭ୍'- ସୋନିଆ-ରାଜୀବଙ୍କ ପ୍ରେମ କାହାଣୀ ନଭେମ୍ବର ୧୦ରେ ଲୋକାର୍ପିତ

ନୂଆଦିଲ୍ଲୀ,(ଏଜେନ୍ସି): ପ୍ରେମ, ସମ୍ପର୍କ ଓ ଜୀବନର ଅନେକ ଅକୁହା କଥାକୁ ନେଇ ସାମ୍ନାକୁ ଆସିବାକୁ ଯାଉଛି ସୋନିଆ ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ପ୍ରେମ କାହାଣୀ। ଏକ ରେଷ୍ଟୁରାଣ୍ଟରେ ହୋଇଥିବା ପ୍ରଥମ ସାକ୍ଷାତରୁ ଆରମ୍ଭ ହୋଇଥିବା ଏହି ସମ୍ପର୍କ ପରବର୍ତ୍ତୀ ସମୟରେ ବିବାହର ରୂପ ନେଇଥିଲା। ରାଜନୀତିର ଚର୍ଚ୍ଚିତ ଚେହେରା ରାଜୀବ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ବ୍ୟକ୍ତିଗତ ଜୀବନର ଏହି ଅଧ୍ୟାୟକୁ ନେଇ ନଭେମ୍ବର ୧୦ ତାରିଖରେ ଏକ ନୂଆ ଉପସ୍ଥାପନା ସାମ୍ନାକୁ ଆସିବାକୁ ଯାଉଛି। ପ୍ରେମରୁ ଆରମ୍ଭ ହୋଇ ଦେଶର ରାଜନୈତିକ ଇତିହାସ ସହ ଯୋଡ଼ି ହୋଇଥିବା ଏହି ସମ୍ପର୍କର କାହାଣୀ ଏବେ ଦର୍ଶକଙ୍କ ମଧ୍ୟରେ ବେଶ୍ ଆଗ୍ରହ ସୃଷ୍ଟି କରିଛି।

ଏଜେନ୍ସିର ସୂଚନା ଅନୁଯାୟୀ, କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ ଦୀର୍ଘ ଦିନ ପରେ ପୁଣି ଥରେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ହୋଇ ପ୍ରଥମ ଥର ପାଇଁ 'ଏକ୍ସ' ପ୍ଲାଟଫର୍ମରେ ପ୍ରବେଶ କରିଛନ୍ତି। ଏହି ଅବସରରେ ସେ ନିଜ ଆତ୍ମଜୀବନୀ ଉପରେ ଆଧାରିତ ପ୍ରଥମ ପୁସ୍ତକ ବାବଦରେ



ଏକ ଭିଡିଓ ଜାରି କରିଛନ୍ତି। ତାଙ୍କର ଏହି ପ୍ରଥମ ପୁସ୍ତକ 'ବିଲଙ୍ଗିଙ୍ଗ୍ ଏ ଜର୍ଣ୍ଣି ଅଫ୍ ଲଭ୍' ଆସନ୍ତା ନଭେମ୍ବର ୧୦ ତାରିଖ ଦିନ ଲୋକାର୍ପିତ ହେବାକୁ ଯାଉଛି। ଏହି ପୁସ୍ତକରେ ରାଜୀବ ଗାନ୍ଧୀଙ୍କ ସହିତ ତାଙ୍କର ସମ୍ପର୍କ, ଇଟାଲୀରୁ ଭାରତ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଏବଂ ସେମାନଙ୍କ ଜୀବନର ଅନେକ ଅଜଣା କଥା ବିଷୟରେ ସେ ଉଲ୍ଲେଖ କରିଛନ୍ତି। ପ୍ରାୟ ସାଢ଼େ ପାଞ୍ଚ ମିନିଟର ଏହି ଭିଡିଓରେ ସେ କହିଛନ୍ତି ଯେ ଏକ ଛୋଟ ଗ୍ରୀକ୍ ରେଷ୍ଟୁରାଣ୍ଟରୁ ତାଙ୍କ ଯାତ୍ରା ଆରମ୍ଭ ହୋଇଥିଲା। ରାଜୀବ ଓ ସେ ଭଲ ପାଇବା ଓ ଖୁସିର ପରିବେଶରେ ନିଜ ଦୁନିଆ ବନାଇଥିଲେ। ସେ ବହୁତ ସୁନ୍ଦର ଦେଖାଯାଉଥିଲେ ଏବଂ ସେ ପ୍ରଥମ ଦେଖାରୁ ହିଁ ତାଙ୍କୁ ଭଲ ପାଇ ବସିଥିଲେ ତଥା ତାଙ୍କ ସହ ସମୟ ବିତାଇବାକୁ ଚାହୁଁଥିଲେ। ଏହି ଭିଡିଓରେ ପ୍ରକାଶ ପାଇଥିବା କିଛି ପୁରୁଣା ଫଟୋଚିତ୍ରକୁ ଦେଖାଇ ସେ ନିଜର ଅତୀତର ସ୍ମୃତିଚାରଣ କରିଛନ୍ତି।

ଜାତୀୟ ଚେତନା
JATIYA CHETANA



# ଏସ୍.ସି ଓ ଏସ୍.ଟି ଅତ୍ୟାଚାର ଆଇନ ରଦ୍ଦ ଦାବିରେ ଅବିଭକ୍ତ ସାଧାରଣ ବର୍ଗର ବିକ୍ଷୋଭ

ଭୁବନେଶ୍ୱର,(ଜା.ପ୍ର): ଏସ୍.ସି ଓ ଏସ୍.ଟି ଅତ୍ୟାଚାର ନିବାରଣ ଆଇନ୍ ନାଁରେ ଓବିସି ଓ ସାଧାରଣ ବର୍ଗର ଲୋକଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି । ମିଛ ମାମଲାରେ ଲୋକଙ୍କୁ ଫସାଇ ଲକ୍ଷ ଲକ୍ଷ ଟଙ୍କାର ବ୍ୟାପାର ଚାଲିଥିବା ବେଳେ କିଛି ଦୁର୍ବୃତ୍ତ ଏକାଠି ହୋଇ ସରକାରୀ ରାଜକୋଷର କୋଟି କୋଟି ଟଙ୍କା ହରିଲୁଟ୍ କରୁଛନ୍ତି ଏବଂ ସାଧାରଣ ଲୋକଙ୍କ ଜୀବନଯାତ୍ରାକୁ ଅସହ୍ୟ କରି ପକାଇଛନ୍ତି । ତୁରନ୍ତ ଏହି ଆଇନ୍ ରଦ୍ଦ କରିବା ସହ ଏହାର ଦୁରୁପଯୋଗ ରୋକିବା ଦାବିରେ ରାସ୍ତାକୁ ଓହ୍ଲାଇଛି ଅବିଭକ୍ତ ସାଧାରଣ ବର୍ଗ । ଉଭୟ ଓବିସି ଓ ସାଧାରଣ ବର୍ଗର ଲୋକଙ୍କୁ ନେଇ ଗଠିତ ଏହି ସଙ୍ଗଠନ ପକ୍ଷରୁ ଆଜି ବିଧାନସଭା ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଏହି ବିକ୍ଷୋଭ ସମୟରେ ଏସ୍.ସି ଓ ଏସ୍.ଟି ଅତ୍ୟାଚାର ନିବାରଣ ଆଇନର ଦୁରୁପଯୋଗ ନେଇ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି । ଏହି ଆଇନ ଆଳରେ ମିଥ୍ୟା ମାମଲା କରି ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଫସାଇବା, ଆର୍ଥିକ ଓ ସାମାଜିକ ଭାବେ ହଇରାଣ ହରକତ କରିବା ଏବଂ ମାମଲା ମିଥ୍ୟା ବୋଲି ପ୍ରମାଣିତ ହେବା ପରେ ମଧ୍ୟ ଅଭିଯୋଗକାରୀଙ୍କୁ ମିଛ ଅଭିଯୋଗ କରିବା ପାଇଁ ଦିଆଯାଇଥିବା ସରକାରୀ ଆର୍ଥିକ ସହାୟତା ଫେରସ୍ତ ନ ହେବା ଭଳି ପ୍ରସଙ୍ଗରେ ଗଭୀର କ୍ଷୋଭ ପ୍ରକାଶ ପାଇଛି । ପ୍ରକାରାନ୍ତରେ ଓବିସି ଓ ସାଧାରଣ ବର୍ଗର ଲୋକଙ୍କୁ ଜନ୍ମତଃ ଅପରାଧୀ ଓ ମିଥ୍ୟାବାଦୀ ପ୍ରବୃତ୍ତିର ବୋଲି ସଜେଇ ଦିଆଯାଇଛି ବୋଲି ଅବିଭକ୍ତ ସାଧାରଣ ବର୍ଗର ଆବାହକ ଜେନେରାଲ ଦୀନବନ୍ଧୁ ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି । ଆଜି ବିଧାନସଭା ସମ୍ମୁଖରେ ଧାରଣାରେ ବସିରହିଥିବା ଓବିସି ଓ ସାଧାରଣ ବର୍ଗର ଲୋକଙ୍କୁ ସମ୍ବୋଧିତ କରି ଏହି ଆଇନର ଦୁରୁପଯୋଗ ରୋକିବା ଏବଂ ନିଜ




ବର୍ଗର ଲୋକଙ୍କୁ ନ୍ୟାୟ ପାଇଁ ଗଣତାନ୍ତ୍ରିକ ଉପାୟରେ ଲଢ଼େଇ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

ଆଇନର ଉଦ୍ଦେଶ୍ୟ ଯାହା ହେଉନା କାହିଁକି, ଏହାର ଆଳରେ କୌଣସି ନିର୍ଦ୍ଦୋଷ ବ୍ୟକ୍ତି ଯେପରି ଅନ୍ୟାୟର ଶିକାର ନ ହୁଅନ୍ତି, ସେଥିପାଇଁ ଦୃଢ଼ ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ବରିଷ୍ଠ ସାମାଜିକ କର୍ମୀ ଟାଇଫୁନ୍ ଦାସ କହିଛନ୍ତି । ସେ ଆହୁରି ମତ ରଖିଛନ୍ତି ଯେ ଅପରାଧୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବା ଉଚିତ, କିନ୍ତୁ ନିର୍ଦ୍ଦୋଷଙ୍କୁ ମିଥ୍ୟା ମାମଲାରେ ଫସାଇବାର କୌଣସି ବି ଉଦ୍ୟମକୁ ସହ୍ୟ କରାଯିବା ଉଚିତ ନୁହେଁ । ଏହି ଆଇନର ଭୟରେ ଅଧିକାରୀମାନେ ଅଧୀନସ୍ଥ କର୍ମଚାରୀମାନଙ୍କୁ ନିଜ କର୍ତ୍ତବ୍ୟ ପାଳନ କରିବା କିମ୍ବା ଅନିୟମିତତା ବିରୋଧରେ ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଉଥିବା ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ପ୍ରଶାସନିକ ବ୍ୟବସ୍ଥା ପାଇଁ ଏକ ଚିନ୍ତାଜନକ ବିଷୟ ।

ବସୁନ୍ଧରା ପରିବାରର ରାଜ୍ୟ ସଂଯୋଜକ ସୁଶାନ୍ତ କୁମାର ମିଶ୍ର କହିଛନ୍ତି ଯେ ଜାତିଭିତ୍ତିକ ଆରକ୍ଷଣ ବ୍ୟବସ୍ଥା ସହିତ ଏହି ଆଇନର ଦୁରୁପଯୋଗ ସମ୍ପର୍କିତ ଅଭିଯୋଗ ମିଶି ସମାଜରେ ଅବିଶ୍ୱାସ ଓ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି । ଆଇନର ନିରପେକ୍ଷ ପ୍ରୟୋଗ, ନ୍ୟାୟର ସମାନତା ଓ ନିର୍ଦ୍ଦୋଷ ନାଗରିକଙ୍କ ସୁରକ୍ଷା ଉପରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ । ବରିଷ୍ଠ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା ସ୍ନେହୀ ସମାଜର ସକ୍ରିୟ ସଭ୍ୟ ଅମରେନ୍ଦ୍ର ପ୍ରସାଦ ସାହୁ ଅଭିଯୋଗ କରିଛନ୍ତି ଯେ ଏଭଳି ମାମଲାରେ ପଛୁଆ ବର୍ଗର ଅନେକ ବ୍ୟକ୍ତି ମଧ୍ୟ ଅଭିଯୁକ୍ତ ହେଉଥିବା ବେଳେ ଓବିସି ବର୍ଗର ଲୋକଙ୍କୁ ନେଇ ରାଜନୀତି କରୁଥିବା କୌଣସି ବି ସଙ୍ଗଠନ ନିଜର ବକ୍ତବ୍ୟ ନ ରଖିବା ଦୁର୍ଭାଗ୍ୟଜନକ । ସମସ୍ତ ପ୍ରମୁଖ ରାଜନୈତିକ ଦଳମାନଙ୍କର ସ୍ୱତନ୍ତ୍ର ଭାବରେ ଓବିସି ମୋର୍ଚ୍ଚା ଥିବାବେଳେ ଏହି ଆଇନ୍ ଉପରେ ଚର୍ଚ୍ଚା ନହେବା ଆଶ୍ଚର୍ଯ୍ୟଜନକ ବୋଲି ସେ ମତ ଦେଇଛନ୍ତି । କୌଣସି ବି ମାମଲାର ନିରପେକ୍ଷ ତଦନ୍ତ, ପ୍ରମାଣଭିତ୍ତିକ ନ୍ୟାୟ ଏବଂ ମିଥ୍ୟା ଅଭିଯୋଗ ଦ୍ୱାରା କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ନ୍ୟାୟ ପ୍ରଦାନ ପାଇଁ ସ୍ପଷ୍ଟ ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ସେ କହିଛନ୍ତି ।

ଅବିଭକ୍ତ ସାଧାରଣ ବର୍ଗ ପକ୍ଷରୁ ଏହି ଆଇନର ଦୁରୁପଯୋଗ ସମ୍ପର୍କିତ ଅଭିଯୋଗଗୁଡ଼ିକର ନିରପେକ୍ଷ ସମୀକ୍ଷା ସହ ମିଥ୍ୟା ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷଙ୍କୁ ଶୀଘ୍ର ନ୍ୟାୟ ମିଳୁ, ସରକାରୀ ଆର୍ଥିକ ସହାୟତାର ବଣ୍ଟନ ଓ ବ୍ୟବହାରରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ ହେଉ ଏବଂ ସମସ୍ତ ନାଗରିକଙ୍କ ପାଇଁ ସମାନ ନ୍ୟାୟର ବ୍ୟବସ୍ଥା କରାଯାଉ ବୋଲି ସରକାରଙ୍କୁ ଆହ୍ୱାନ କରାଯାଇଛି । ଅବିଭକ୍ତ ସାଧାରଣ ବର୍ଗ ପକ୍ଷରୁ ଅନୁଗୁଳ ଜିଲ୍ଲାମୁଖ୍ୟ ଚାରୁଶ୍ରୀ ମିଶ୍ର କହିଛନ୍ତି ଯେ ନ୍ୟାୟ କୌଣସି ଜାତିର ସୀମାରେ ବନ୍ଧା ନ ହେଉ; ଦୋଷୀ ଦଣ୍ଡ ପାଉ ଓ ନିର୍ଦ୍ଦୋଷ ସୁରକ୍ଷା ପାଉ, ଯାହାକି ଏକ ସୁସ୍ଥ ଗଣତନ୍ତ୍ରର ମୂଳମନ୍ତ୍ର ଅଟେ । ତେଣୁ ଓବିସି ଓ ସାଧାରଣ ବର୍ଗର ସମସ୍ତ ନାଗରିକ ଜାତିଗତ ଭେଦଭାବରୁ ଊର୍ଦ୍ଧ୍ୱରେ ରହି ନ୍ୟାୟ, ସମାନ ଅଧିକାର ଓ ନିର୍ଦ୍ଦୋଷଙ୍କ ସୁରକ୍ଷା ପାଇଁ ଏକଜୁଟ ହେବାକୁ ସେ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମନ ଷେଣ୍ଠ, ଆଶିଷ ମିଶ୍ର, ଅଶୋକ ପଣ୍ଡା, ସୁଶାନ୍ତ ମହାନ୍ତି, ସୌଦାମିନୀ ସାମନ୍ତରାୟ, କମଳାକାନ୍ତ ପ୍ରହରାଜ, ନରେଶ ପଣ୍ଡା ଓ ବାବୁଲି ସ୍ୱାଇଁଙ୍କ ସମେତ ବହୁ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।



ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ, ସାଂସଦ, ବିଧାୟକ ଓ ଦଳୀୟ ନେତୃବୃନ୍ଦ ରାଜ୍ୟ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୯ ତମ ମନକୀ ବାତ୍ ଶୁଣିଛନ୍ତି ।

# ଧରାବତରଣ କରିବେ ମା' ଗଜଲକ୍ଷ୍ମୀ

ଭୁବନେଶ୍ୱର,(ଜା.ପ୍ର): ଧରାବତରଣ କରିବେ ମା' ଗଜଲକ୍ଷ୍ମୀ । ମା'ଙ୍କ ଆଗମନକୁ ନେଇ ସମ୍ପୂର୍ଣ୍ଣ ଉତ୍ସବମୁଖର ହୋଇଉଠିଛି ଢେଙ୍କାନାଳ ସହର । ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି ସହରର ଗଳିକନ୍ଦି ସହ ବିଭିନ୍ନ ପୂଜା ମଣ୍ଡପ । ମା'ଙ୍କ ଦର୍ଶନ ପାଇଁ ଏବେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଅପେକ୍ଷା କରି ରହିଛନ୍ତି । ଓଡ଼ିଶାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଢେଙ୍କାନାଳ ସହର । ମା' ଗଜଲକ୍ଷ୍ମୀଙ୍କ ଆଗମନକୁ ନେଇ ସହରର ବିଭିନ୍ନ ପୂଜା ମଣ୍ଡପକୁ ଅତି ଆକର୍ଷଣୀୟ ଭାବେ ସଜାଯାଇଛି । ରଙ୍ଗିନ ଆଲୋକରେ ପୂଜା ମଣ୍ଡପଠାରୁ ଆରମ୍ଭ କରି ସହରର ପ୍ରମୁଖ ରାସ୍ତାଘାଟ ସବୁ ଝଲସୁଛି ।

କୁମାର ପୂର୍ଣ୍ଣିମାଠାରୁ ଦୀର୍ଘ ଏଗାର ଦିନ ଧରି ଢେଙ୍କାନାଳରେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା



ଧୁମଧାମରେ ଚାଲିବ । ଆଜି ସନ୍ଧ୍ୟାରେ ମା'ଙ୍କ ଚକ୍ଷୁ ଦାନ କାର୍ଯ୍ୟକ୍ରମ ସମ୍ପନ୍ନ ହେବା ପରେ ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନର ସୁଯୋଗ ଉନ୍ମୁକ୍ତ ହେବ । ମା'ଙ୍କ ଦର୍ଶନ କରିବା ସହ ତାଙ୍କର ଦିବ୍ୟ ଆଶୀର୍ବାଦ ଲାଭ କରିବା ନିମନ୍ତେ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଉତ୍କଣ୍ଠା ପରିଲକ୍ଷିତ ହୋଇଛି । ଗଭୀର ଭକ୍ତି, ଶ୍ରଦ୍ଧା ଓ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମା'ଙ୍କୁ ସ୍ୱାଗତ କରିବା ପାଇଁ ସାରା ଢେଙ୍କାନାଳ ସହର ପ୍ରସ୍ତୁତ ହୋଇ ରହିଛି । ମା' ଗଜଲକ୍ଷ୍ମୀଙ୍କ ଏହି ଆଗମନ ସହ ଆଗାମୀ ଏଗାର ଦିନ ଧରି ଢେଙ୍କାନାଳ ସହର ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଓ ଉତ୍ସବମୁଖର ହୋଇରହିବ । ମା'ଙ୍କ କୃପା ଓ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖ, ସମୃଦ୍ଧି ଏବଂ ଶାନ୍ତିରେ ପରିପୂର୍ଣ୍ଣ ହେଉ—ଏହା ହିଁ ସମସ୍ତଙ୍କର ଆନ୍ତରିକ କାମନା ।

# ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୫ ଆଇଏଏସ୍‌ଙ୍କୁ ୫ଜିଲ୍ଲା ଦାୟିତ୍ୱ

ଭୁବନେଶ୍ୱର,(ଜା.ପ୍ର): ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ରାଜ୍ୟ ସରକାର । ବାତ୍ୟାରେ ସର୍ବାଧିକ ପ୍ରଭାବିତ ହେବାକୁ ଥିବା ଜିଲ୍ଲାରେ ଗତକାଲି ଦୁଇଦିନ ସ୍କୁଲ ଛୁଟି ଘୋଷଣା କରିଥିଲେ ରାଜ୍ୟ ସରକାର । ଆଜି ରାଜ୍ୟରେ ବାତ୍ୟା ପରବର୍ତ୍ତୀ ରିଲିଫ୍, ପୁନର୍ବାସ ଓ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ ଏବଂ ସୁବ୍ୟବସ୍ଥିତ କରିବା ପାଇଁ ଓଡ଼ିଶା ସରକାର ୫ ଜଣ ଆଇଏଏସ୍ ଅଧିକାରୀଙ୍କୁ ୫ଟି ଜିଲ୍ଲା ଦାୟିତ୍ୱ ଦେଇଛନ୍ତି । ସେହିପରି ୮ ମନ୍ତ୍ରୀଙ୍କୁ ୮ଟି ଜିଲ୍ଲା ଦାୟିତ୍ୱ ବାଣ୍ଟିଛନ୍ତି ରାଜ୍ୟ ସରକାର । ଏହାସହିତ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୬ରୁ ମୁଖ୍ୟାଳୟରେ ରହିବାକୁ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ଏନେଇ ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବାତ୍ୟା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କୁ କୋରାପୁଟ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରଭାତୀ ପରିଡାଙ୍କୁ ରାୟାଗଡା, ମନ୍ତ୍ରୀ ରବି ନାୟକଙ୍କୁ କନ୍ଧମାଳ । ବିଭୂତି ଜେନାଙ୍କୁ ଗଞ୍ଜାମ, କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ନବରଙ୍ଗପୁର, ନିତ୍ୟାନନ୍ଦ ଗଣ୍ଡଙ୍କୁ ମାଲକାନଗିରି , ମୁକେଶ ମହାଲିଙ୍ଗଙ୍କୁ କାଲାହାଣ୍ଡି , ସୂର୍ଯ୍ୟବଂଶୀ ସୁରଜଙ୍କୁ ଗଜପତି ଦାୟିତ୍ୱ ଦିଆଯାଇଛି । ମନ୍ତ୍ରୀମାନେ ୨୭ ରୁ ୨୯ ପର୍ଯ୍ୟନ୍ତ ସମ୍ପୃକ୍ତ ଜିଲ୍ଲାରେ ରହିବେ । ସେହିପରେ ୫ ଜଣ ଆଇଏଏସ୍ ଅଧିକାରୀଙ୍କୁ ୫ ଜିଲ୍ଲା ଦାୟିତ୍ୱ ଦିଆଯାଇଛି । ନିଯୁକ୍ତ ଅଧିକାରୀମାନେ ନିଜ ନିଜ ଜିଲ୍ଲାରେ ପ୍ରଶାସନିକ ପ୍ରସ୍ତୁତି, ରିଲିଫ୍ ବଣ୍ଟନ, ପୁନର୍ବାସ ଏବଂ କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟର ତଦାରଖରେ ସହଯୋଗ କରିବେ ବିଜ୍ଞପ୍ତି ଅନୁଯାୟୀ, କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରାୟଗଡ଼ା, ଡ. ପୋମା ଟୁଡୁଙ୍କୁ କୋରାପୁଟ, ବିଜୟ କୁମାର ଦାଶଙ୍କୁ ଗଜପତି, ୟେଦୁଲା ବିଜୟଙ୍କୁ ମାଲକାନଗିରି ଏବଂ ଡ. ମହେଶ୍ୱର ସ୍ୱାଇଁଙ୍କୁ ନବରଙ୍ଗପୁର ଜିଲ୍ଲା ଦାୟିତ୍ୱ ଦିଆଯାଇଛି । ସମ୍ପୃକ୍ତ ଅଧିକାରୀଙ୍କୁ ତୁରନ୍ତ ନିଜ ନିଜ ଜିଲ୍ଲାରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ବାତ୍ୟା ପରବର୍ତ୍ତୀ ପରିସ୍ଥିତିର ମୁକାବିଲା ଏବଂ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ଜିଲ୍ଲା ପ୍ରଶାସନର ସମନ୍ୱୟ ଅଧିକ ସୁଦୃଢ଼ ହେବା ଆଶା କରାଯାଉଛି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୬ରୁ ମୁଖ୍ୟାଳୟରେ ରହିବାକୁ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି । ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ଅକ୍ଟୋବର ୨୬ରୁ ମୁଖ୍ୟାଳୟରେ ଉପଲବ୍ଧ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଶାସନିକ କାର୍ଯ୍ୟକୁ ସୁଗମ ରଖିବା ସହ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ସରକାରଙ୍କ ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁ ଏନେଇ ସମସ୍ତ ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, କମିଶନର-ତଥା-ସଚିବ ଏବଂ ନିର୍ଦ୍ଦେଶକମାନଙ୍କୁ ନିଜ ନିଜ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ପରାମର୍ଶ ଦେଇଛନ୍ତି । ବାତ୍ୟା ପରିସ୍ଥିତିରେ ଉପୁଜିପାରୁଥିବା ଯେକୌଣସି ଜରୁରୀ ଆବଶ୍ୟକତାର ତୁରନ୍ତ ମୁକାବିଲା ଏବଂ ପ୍ରଶାସନିକ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏହି ନିର୍ଦ୍ଦେଶର ଉଦ୍ଦେଶ୍ୟ ।

ଜାତୀୟ ଚେତନା
JATIYA CHETANA

# ଭବିଷ୍ୟତର ସହର ଗଠନ

ଆଜିର ସମୟରେ କେବଳ ରାସ୍ତାଘାଟ, ବଡ଼ବଡ଼ ଅଟ୍ଟାଳିକା କିମ୍ବା ଫ୍ଲାଏଓଭର ନିର୍ମାଣ କରିଦେଲେ ଗୋଟିଏ ସହରର ପ୍ରକୃତ ପରିଚୟ ଗଢ଼ିଉଠେ ନାହିଁ। କୌଣସି ସହରର ପ୍ରକୃତ ଚରିତ୍ର ଏହାର ବାସିନ୍ଦାମାନଙ୍କ ଦୈନନ୍ଦିନ ଯାତ୍ରା ଏବଂ ଜୀବନଧାରା ମାଧ୍ୟମରେ ପ୍ରତିଫଳିତ ହୋଇଥାଏ। ଜୀବିକା ଅର୍ଜନ ପାଇଁ କର୍ମସ୍ଥଳୀକୁ ଯାଉଥିବା ଜଣେ ଶ୍ରମିକ, ଶିକ୍ଷାଲାଭ ପାଇଁ କଲେଜ କିମ୍ବା ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ, ଏବଂ ନିରାପଦରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଚାହୁଁଥିବା ବୟୋଜ୍ୟେଷ୍ଠ ନାଗରିକଙ୍କ ପାଇଁ ସାର୍ବଜନୀନ ପରିବହନ ଏକ ଜୀବନରେଖା ସଦୃଶ ଅଟେ। ଓଡ଼ିଶାର ସହରାଞ୍ଚଳଗୁଡ଼ିକର କ୍ରମାଗତ ବିକାଶ ସହିତ, ଆଗାମୀ ଦିନର ସହର ଗଠନରେ ସାର୍ବଜନୀନ ପରିବହନର ଗୁରୁତ୍ୱ ଦିନକୁ ଦିନ ବୃଦ୍ଧି ପାଉଛି।

ସାର୍ବଜନୀନ ପରିବହନର ପ୍ରକୃତ ଉଦ୍ଦେଶ୍ୟ କେବଳ ଲୋକଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ନୁହେଁ, ବରଂ ନୂତନ ସୁଯୋଗ ସୃଷ୍ଟି କରିବା ଏବଂ ସାଧାରଣ ଜନତାଙ୍କ ଜୀବନର ମାନକୁ ଉନ୍ନତ କରିବା ଅଟେ। ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ପରିବହନ ବ୍ୟବସ୍ଥା ମାଧ୍ୟମରେ ଏକ ଏପରି ଜନକୈନ୍ଦ୍ରିକ ବ୍ୟବସ୍ଥା ଗଢ଼ିବାର ଲକ୍ଷ୍ୟ ରଖାଯାଇଛି, ଯାହା ସହରାଞ୍ଚଳର ବିକାଶର ସୁଫଳକୁ ସମାଜର ପ୍ରତ୍ୟେକ ବର୍ଗ ନିକଟରେ ପହଞ୍ଚାଇ ପାରିବ। ସହରର ବିକାଶ ଦିଗ ନିର୍ଦ୍ଧାରଣ କରିବାରେ ପରିବହନର ଭୂମିକା ଅତ୍ୟନ୍ତ ନିର୍ଣ୍ଣାୟକ। ଲୋକମାନେ କେଉଁଠି ବାସ କରିବେ, ବ୍ୟବସାୟ କେଉଁଠି ପରିଚାଳିତ ହେବ ଏବଂ ଜନସାଧାରଣ କେତେ ସହଜରେ ବିଦ୍ୟାଳୟ, ଡାକ୍ତରଖାନା ଓ କର୍ମସ୍ଥଳୀରେ ପହଞ୍ଚିପାରିବେ, ତାହା ଏହା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ।

ବ୍ୟକ୍ତିଗତ ଯାନବାହନ ଉପରେ ଅତ୍ୟଧିକ ନିର୍ଭରଶୀଳତା ସହରରେ ପାର୍କିଂ ସମସ୍ୟା ଏବଂ ପରିବେଶଜନିତ ଆହ୍ୱାନକୁ ବଢ଼ାଇଥାଏ। ଏହାର ବିପରୀତରେ, ଏକ ଦକ୍ଷ ଏବଂ ନିର୍ଭରଯୋଗ୍ୟ ସାର୍ବଜନୀନ ପରିବହନ ନେଟୱର୍କ ବିଭିନ୍ନ ଅଞ୍ଚଳକୁ ଆର୍ଥିକ ଓ ସାମାଜିକ ସୁଯୋଗ ସହ ଯୋଡ଼ିବା ସହିତ ସ୍ଥାୟୀ ସହରାଞ୍ଚଳ ବିକାଶକୁ ପ୍ରୋତ୍ସାହିତ କରିଥାଏ। ଭୁବନେଶ୍ୱର ଭଳି ଦ୍ରୁତ ବଢ଼ୁଥିବା ସହରଗୁଡ଼ିକ ପାଇଁ ଏଭଳି ସୁଗମ ପରିବହନ ବ୍ୟବସ୍ଥା ଅତ୍ୟାବଶ୍ୟକ, ଯାହା ଯାତାୟାତକୁ ସୁବିଧାଜନକ, ସୁଲଭ ଏବଂ ପରିବେଶ ପ୍ରତି ଦାୟିତ୍ୱଶୀଳ କରିପାରିବ। ସାଧାରଣ ମଜୁରିଆ ଏବଂ କର୍ମଜୀବୀ ପରିବାରଗୁଡ଼ିକ ପାଇଁ ଯାତାୟାତ ଖର୍ଚ୍ଚ ସଞ୍ଚୟ ହେବା ମାସିକ ବଜେଟ୍‌ରେ ବଡ଼ ଧରଣର ସହାୟତା ଯୋଗାଇଥାଏ। ସୁଲଭ ଭଡ଼ାରେ ନିର୍ଦ୍ଧାରିତ ମାର୍ଗରେ ଯାତାୟାତର ସୁବିଧା ମିଳିବା ଦ୍ୱାରା ଶ୍ରମିକମାନଙ୍କୁ ନିୟମିତ ଆୟ ଏବଂ ରୋଜଗାରର ସୁଯୋଗ ମିଳିପାରିଥାଏ।

ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ଦୈନନ୍ଦିନ ଯାତାୟାତ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଂଶ ଅଟେ। ସୁଲଭ ଏବଂ ସୁବିଧାଜନକ ବସ୍ ସେବା ମାଧ୍ୟମରେ ପରିବାରଗୁଡ଼ିକ ଯାତାୟାତ ଖର୍ଚ୍ଚକୁ ସଠିକ୍ ଭାବେ ପରିଚାଳନା କରିପାରନ୍ତି। ଏହା କେବଳ ଏକ ଯାତ୍ରା ନୁହେଁ, ବରଂ ଶ୍ରେଣୀକକ୍ଷ ଅଭିମୁଖେ ଯାଉଥିବା ଯୁବକଯୁବତୀଙ୍କ ପାଇଁ ଜ୍ଞାନ, ଆତ୍ମବିଶ୍ୱାସ ଏବଂ ଉନ୍ନତ ଭବିଷ୍ୟତ ସହ ଯୋଡ଼ି ହେବାର ଏକ ମାଧ୍ୟମ ଅଟେ। ଏହା ସହିତ ମହିଳା ଓ ବୟୋଜ୍ୟେଷ୍ଠ ନାଗରିକଙ୍କ ପାଇଁ ଅଧିକ ସୁରକ୍ଷିତ, ସମ୍ମାନଜନକ ଏବଂ ଆରାମଦାୟକ ପରିବେଶ ସୃଷ୍ଟି କରିବାରେ ସାର୍ବଜନୀନ ପରିବହନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସିସିଟିଭି ନିରୀକ୍ଷଣ, ଡିଜିଟାଲ୍ ସୂଚନା ବ୍ୟବସ୍ଥା ଏବଂ ଦାୟିତ୍ୱପୂର୍ଣ୍ଣ ପରିଚାଳନା ଯାତ୍ରାକୁ ଅଧିକ ନିର୍ଭରଯୋଗ୍ୟ କରିଥାଏ। ତେବେ କେବଳ ଭିତ୍ତିଭୂମି କିମ୍ବା ପ୍ରଯୁକ୍ତିବିଦ୍ୟା ଦ୍ୱାରା ସୁରକ୍ଷା ଓ ଆତ୍ମବିଶ୍ୱାସ ସୃଷ୍ଟି ହୋଇପାରିବ ନାହିଁ। ଏଥିପାଇଁ ସତର୍କ ଗାଡ଼ିଚାଳନା, ଯାତ୍ରୀଙ୍କ ପ୍ରତି ଯତ୍ନଶୀଳ କର୍ମଚାରୀ ଏବଂ ପ୍ରତ୍ୟେକ ଯାତ୍ରୀଙ୍କୁ ସମ୍ମାନ ଦେବାର ସଂସ୍କୃତି ନିତାନ୍ତ ଜରୁରୀ। ପରିବହନ ସେବାରେ ନିୟୋଜିତ କର୍ମଚାରୀମାନେ କେବଳ ଚାଳକ କିମ୍ବା କଣ୍ଡକ୍ଟର ନୁହଁନ୍ତି, ବରଂ ସେମାନେ ଯାତ୍ରୀଙ୍କ ପାଇଁ ମାର୍ଗଦର୍ଶକ ଓ ସହାୟକ ମଧ୍ୟ ଅଟନ୍ତି। କୌଣସି ଅଜ୍ଞାତ ମାର୍ଗରେ ଯାତ୍ରା କରୁଥିବା ଛାତ୍ରଛାତ୍ରୀ କିମ୍ବା ସହାୟତା ଆବଶ୍ୟକ କରୁଥିବା ବୟସ୍କ ବ୍ୟକ୍ତିଙ୍କୁ ମିଳୁଥିବା ସାମାନ୍ୟ ମାର୍ଗଦର୍ଶନ ସେମାନଙ୍କ ସମ୍ପୂର୍ଣ୍ଣ ଯାତ୍ରା ଅନୁଭୂତିକୁ ଅନେକ ଗୁଣରେ ଉନ୍ନତ କରିପାରେ। ପ୍ରତ୍ୟେକ ଯାତ୍ରୀଙ୍କୁ ଧୈର୍ଯ୍ୟ, ମର୍ଯ୍ୟାଦା ଏବଂ ସମ୍ମାନର ସହ ବ୍ୟବହାର କରିବା ଉଚିତ।

ସ୍ଥାୟୀ ସହର ଗଠନ କ୍ଷେତ୍ରରେ ସାର୍ବଜନୀନ ପରିବହନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ନିର୍ଭରଯୋଗ୍ୟ ବସ୍ ସେବା ଲୋକଙ୍କୁ ବ୍ୟକ୍ତିଗତ ଯାନବାହନ ବ୍ୟବହାର କରିବା ପରିବର୍ତ୍ତେ ସାମୂହିକ ପରିବହନ ଆପଣାଇବାକୁ ପ୍ରେରଣା ଯୋଗାଇଥାଏ। ଏହାଦ୍ୱାରା ରାସ୍ତାରେ ଅଧିକ ମାତ୍ରାରେ ଯାନବାହନ ଚଳାଚଳ ହ୍ରାସ ପାଇବା ସହ ପ୍ରତି ଯାତ୍ରୀ ପିଛା ନିର୍ଗତ ପ୍ରଦୂଷଣର ପରିମାଣ ମଧ୍ୟ କମିଥାଏ। ବିଦ୍ୟୁତ୍‌ଚାଳିତ ବସ୍ ସମେତ ବିଭିନ୍ନ ସ୍ୱଚ୍ଛ ପ୍ରଯୁକ୍ତିର ବ୍ୟବହାର ସହରାଞ୍ଚଳର ବାୟୁର ଗୁଣବତ୍ତାକୁ ଉନ୍ନତ କରିବାରେ ସହାୟକ ହୋଇଥାଏ। ତେବେ ଏହି ସେବାଗୁଡ଼ିକ ଦୀର୍ଘକାଳୀନ ଭାବେ ସୁଲଭ, ନିର୍ଭରଯୋଗ୍ୟ ଏବଂ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛ ରକ୍ଷଣାବେକ୍ଷଣ ଯୋଗ୍ୟ ହେବା ଆବଶ୍ୟକ।

ପରିଶେଷରେ, ଭବିଷ୍ୟତର ସହରଗୁଡ଼ିକର ସଫଳତାକୁ କେବଳ ଚାଲୁଥିବା ବସ୍‌ର ସଂଖ୍ୟା କିମ୍ବା ଯାତ୍ରୀଙ୍କ ପରିସମା ଦ୍ୱାରା ମାପିବା ଉଚିତ ନୁହେଁ। ଆମର ସେବା ସାଧାରଣ ଜନତାଙ୍କ ଜୀବନରେ କେତେ ପରିବର୍ତ୍ତନ ଆଣୁଛି, ତାହା ମଧ୍ୟ ମୂଲ୍ୟାୟନର ମୁଖ୍ୟ ମାପଦଣ୍ଡ ହେବା ଆବଶ୍ୟକ। ନିର୍ଭରଯୋଗ୍ୟ ଯାତ୍ରା, ସୁଲଭ ଭଡ଼ା, ସୁରକ୍ଷିତ ପରିବେଶ ଏବଂ ସହଯୋଗୀ କର୍ମଚାରୀଙ୍କ ମନୋଭାବ ଆମର ପ୍ରୟାସର ମୂଳ କେନ୍ଦ୍ରରେ ରହିବା ଦରକାର। ଓଡ଼ିଶାର ସହରଗୁଡ଼ିକର ଭବିଷ୍ୟତ ପରିବେଶ ସୁରକ୍ଷା, ସାମାଜିକ ଅନ୍ତର୍ଭୁକ୍ତୀକରଣ ଏବଂ ସୁଯୋଗର ସଠିକ୍ ପ୍ରୟୋଗ ଉପରେ ପର୍ଯ୍ୟବସିତ। ଯାତ୍ରାକୁ ଅଧିକ ସୁଗମ, ସୁରକ୍ଷିତ ଏବଂ ମାନବୀୟ କରିବା ଦ୍ୱାରା ଆମେ କେବଳ ଏକ ଉନ୍ନତ ଯାତାୟାତ ବ୍ୟବସ୍ଥା ଗଠନ କରିପାରିବା ନାହିଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ଅଧିକ ନ୍ୟାୟସଙ୍ଗତ, ସ୍ଥାୟୀ ଏବଂ ବାସଯୋଗ୍ୟ ସହର ସୃଷ୍ଟି କରିବାରେ ମଧ୍ୟ ସଫଳ ହୋଇପାରିବା।

# ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସମସ୍ୟା

ପ୍ରୀତମ୍ ବେହେରା

ପୃଥିବୀ ପୃଷ୍ଠରେ ପ୍ରକୃତିର ଅଖଣ୍ଡତା, ସୁରକ୍ଷା, ସଂରକ୍ଷଣ ଏବଂ ସାମଗ୍ରିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ନିମନ୍ତେ ୧୯୪୮ ମସିହାରେ ଜାତିସଂଘର ପ୍ରତ୍ୟକ୍ଷ ଆନୁକୂଲ୍ୟରେ 'ଆନ୍ତର୍ଜାତୀୟ ପ୍ରକୃତି ଓ ସଂରକ୍ଷଣ ସଂଘ' ବା ଆଇ.ୟୁ.ସି.ଏନ୍. ଗଠିତ ହୋଇଥିଲା। ଏହି ଅନ୍ତର୍ଜାତୀୟ ସଂସ୍ଥା ପୃଥିବୀର ବିଭିନ୍ନ ପ୍ରାନ୍ତରେ ପରିବେଶ ଏବଂ ଜୀବଜଗତର ସନ୍ତୁଳନ ରକ୍ଷା କରିବା ପାଇଁ ଏକ ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶିକା ପ୍ରସ୍ତୁତ କରିଥିଲା, ଯାହାକୁ ବିଶ୍ୱର ପ୍ରାୟ ସମସ୍ତ ସଭ୍ୟ ଦେଶ ଗ୍ରହଣ କରିଥିଲେ। ଏହି ମାର୍ଗଦର୍ଶିକା ଆଧାରରେ ଆଇ.ୟୁ.ସି.ଏନ୍. ପକ୍ଷରୁ ବନ୍ୟପ୍ରାଣୀ ଓ ଉଦ୍ଭିଦମାନଙ୍କ ସଂଖ୍ୟା, ଜେନେଟିକ୍ ବିବିଧତା, ପ୍ରଜାତିର ବହୁଳତା, ବିରଳତା, ଭୌଗୋଳିକ ବ୍ୟାପକତା ଏବଂ ସେମାନଙ୍କ ଅସ୍ତିତ୍ୱ ପ୍ରତି ରହିଥିବା ବିଭିନ୍ନ ପ୍ରକାରର ବିପଦକୁ ଭିତ୍ତିକରି ଏକ ବ୍ୟାପକ ଅନୁଧ୍ୟାନ କରାଯାଇଥିଲା। ଏହି ଅଧ୍ୟୟନର ନିଷ୍କର୍ଷ ଆଧାରରେ ସମସ୍ତ ବନ୍ୟପ୍ରାଣୀ ଓ ଉଦ୍ଭିଦ ପ୍ରଜାତିକୁ ସମୁଦାୟ ନଅଟି ସ୍ୱତନ୍ତ୍ର ଶ୍ରେଣୀରେ ବିଭକ୍ତ କରାଗଲା, ଯାହାଦ୍ୱାରା ପ୍ରତ୍ୟେକ ପ୍ରଜାତିର ସୁରକ୍ଷା ପାଇଁ ନିର୍ଦ୍ଦିଷ୍ଟ ରଣନୀତି ପ୍ରସ୍ତୁତ କରାଯାଇପାରିବ।

ଏହି ଶ୍ରେଣୀବିଭାଗର ପ୍ରଥମ ସ୍ଥାନରେ ସେହି ଜୀବଜନ୍ତୁ ଓ ବୃକ୍ଷଲତା ରହିଛନ୍ତି, ଯେଉଁମାନେ ପୃଥିବୀ ପୃଷ୍ଠରୁ ସଂପୂର୍ଣ୍ଣ ଭାବେ ବିଲୁପ୍ତ ହୋଇସାରିଛନ୍ତି ଏବଂ ଯେଉଁମାନଙ୍କୁ ଆଉ କୌଣସି ପରିସ୍ଥିତିରେ ଦୃଷ୍ଟିଗୋଚର କରିବାର ସମ୍ଭାବନା ନାହିଁ, ଯେପରିକି ପ୍ରାଚୀନ କାଳର ବିଶାଳକାୟ ଡାଇନୋସର ଏବଂ ଡୋଡୋ ପକ୍ଷୀ। ଦ୍ୱିତୀୟ ଶ୍ରେଣୀରେ ସେହି ଜୀବମାନେ ଅଛନ୍ତି ଯେଉଁମାନେ ପ୍ରାକୃତିକ ବାସସ୍ଥାନ ବା ବଣଜଙ୍ଗଲରୁ ସଂପୂର୍ଣ୍ଣ ବିଲୁପ୍ତ ହୋଇସାରିଥିଲେ ହେଁ କେବଳ କୃତ୍ରିମ ପରିବେଶ ବା ଚିଡ଼ିଆଖାନାରେ କିଛି ମାତ୍ରାରେ ଜୀବିତ ଅଛନ୍ତି, ଯେପରିକି ଆମର ପରିଚିତ ଶାଗୁଣା ପ୍ରଜାତି। ତୃତୀୟ ଶ୍ରେଣୀରେ ସେହି ପ୍ରାଣୀମାନଙ୍କୁ ସ୍ଥାନ ଦିଆଗଲା, ଯଉଁମାନେ ସଂକଟଜନକ ଭାବେ ଅତ୍ୟନ୍ତ ବିପଦାପନ୍ନ ଅଟନ୍ତି ଏବଂ ଆଗାମୀ ଦଶ ବର୍ଷ ମଧ୍ୟରେ ଯେଉଁମାନଙ୍କ ସଂଖ୍ୟା ୮୦ରୁ ୯୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଯିବାର ଆଶଙ୍କା ଥାଏ, ଯେପରିକି ଆମ ଦେଶର ଜାତୀୟ ପଶୁ ମହାବଳ ବାଘ। ଚତୁର୍ଥ ଶ୍ରେଣୀରେ ସେହି ପ୍ରାଣୀମାନେ ରହିଲେ, ଯେଉଁମାନଙ୍କ ସଂଖ୍ୟା ଦଶ ବର୍ଷ ଭେଦରେ ୫୦ରୁ ୭୦ ପ୍ରତିଶତ ପର୍ଯ୍ୟନ୍ତ କମିଯାଇଥାଏ। ପଞ୍ଚମ ଶ୍ରେଣୀରେ 'ଭଲନରେବଲ' ବା ଦୁର୍ବଳ ସ୍ଥିତିରେ ଥିବା ପ୍ରାଣୀମାନଙ୍କୁ ରଖାଗଲା, ଯେଉଁମାନଙ୍କ ସଂଖ୍ୟା ଦଶ ବର୍ଷ ମଧ୍ୟରେ ପ୍ରାୟ ୩୦ ପ୍ରତିଶତ ହ୍ରାସ ପାଇଥାଏ। ଏହାପରେ ଷଷ୍ଠ ଶ୍ରେଣୀରେ ଆସନ୍ନ ବିପଦର ସାମ୍ନା କରୁଥିବା ଏବଂ ଯେଉଁମାନଙ୍କ ସଂଖ୍ୟା ଦ୍ରୁତ ଗତିରେ କମିବାର ଭୟ ଥାଏ ସେପରି ଜୀବଜନ୍ତୁ ରହିଲେ। ସପ୍ତମ ଶ୍ରେଣୀରେ ସେହି ବନ୍ୟଜନ୍ତୁଙ୍କୁ ରଖାଗଲା ଯାହାଙ୍କ ସଂଖ୍ୟା ଉପରେ କୌଣସି ପ୍ରକାରର ବିପଦ ନାହିଁ। ଅଷ୍ଟମ ଶ୍ରେଣୀରେ ସେହି ଜୀବଜନ୍ତୁମାନଙ୍କୁ ସ୍ଥାନ ମିଳିଲା, ଯେଉଁମାନଙ୍କ ସଂଖ୍ୟାର କୌଣସି ଦୃଢ଼ ହିସାବ ବା ବୈଜ୍ଞାନିକ ତଥ୍ୟ ଉପଲବ୍ଧ ନାହିଁ। ପରିଶେଷରେ, ନବମ ଶ୍ରେଣୀରେ ସେଭଳି ବନ୍ୟଜନ୍ତୁଙ୍କୁ ରଖାଗଲା ଯେଉଁମାନଙ୍କ ସଂଖ୍ୟା ଏତେ ଅଧିକ କିମ୍ବା ସୁରକ୍ଷିତ ଯେ ସେଥିନେଇ ଆଇ.ୟୁ.ସି.ଏନ୍. ଆଦୌ ଚିନ୍ତିତ ନୁହେଁ।

ଏହି ସମସ୍ତ ବିଶ୍ୱସ୍ତରୀୟ ନୀତି ନିୟମ ଏବଂ ପରିସ୍ଥିତି ମଧ୍ୟରେ ୧୯୭୧ ମସିହାରେ ସ୍ୱିଡେନର ରାଜଧାନୀ ଷ୍ଟକହୋମଠାରେ ଅନୁଷ୍ଠିତ ଆଇ.ୟୁ.ସି.ଏନ. ସମ୍ମିଳନୀରେ ଏକ ଅତ୍ୟନ୍ତ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଥିଲା। ସେହି ସମୟରେ ଭାରତରେ ମହାବଳ ବାଘଙ୍କ ସଂଖ୍ୟା ଯାହା ଏକଦା ପ୍ରାୟ ୫୦ ହଜାର ଥିଲା, ତାହା ହ୍ରାସ ପାଇ କେବଳ ୧୮୨୭କୁ ଖସି ଆସିଥିବା ଜାଣିବାକୁ ମିଳିଥିଲା। ଏହି ଘଟଣା ସମଗ୍ର ଦେଶରେ ଘୋର ଉଦ୍ ?ବେଗ ସୃଷ୍ଟି କରିଥିଲା। ଏହି ପରିସ୍ଥିତିରେ ବିଚଳିତ ହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆଇ.ୟୁ.ସି.ଏନ. ମାର୍ଗଦର୍ଶିକାକୁ ଆଧାର କରି ଦେଶରେ ୧୯୭୨ ମସିହାରେ ଏକ ଐତିହାସିକ 'ବନ୍ୟଜନ୍ତୁ ସୁରକ୍ଷା ଆଇନ' କାର୍ଯ୍ୟକାରୀ କଲେ। ଏହି ଆଇନ ବଳରେ ବନ୍ୟଜନ୍ତୁଙ୍କୁ ଘରେ ପାଳିବା, ପୋଷିବା, ସେମାନଙ୍କର ଅଙ୍ଗପ୍ରତ୍ୟଙ୍ଗର ବେପାର କରିବା ଏବଂ ସେମାନଙ୍କୁ ଶିକାର କରିବା ଆଦି କାର୍ଯ୍ୟ ବିରୋଧରେ କଠୋର ଜରିମାନା ଏବଂ ଜେଲ୍ ଭଳି ଦଣ୍ଡବିଧାନର ବ୍ୟବସ୍ଥା କରାଗଲା। ବନ୍ୟପ୍ରାଣୀମାନଙ୍କ ବଂଶବୃଦ୍ଧି ଏବଂ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ତୁରନ୍ତ ଉତ୍ତରାଖଣ୍ଡର ଜିମ କରବେଟ ଜାତୀୟ ଉଦ୍ୟାନକୁ ଦେଶର ପ୍ରଥମ 'ପ୍ରୋଜେକ୍ଟ ଟାଇଗର' ବା ବ୍ୟାଘ୍ର ପ୍ରକଳ୍ପ ରୂପେ ଘୋଷଣା କରାଗଲା। ଏହା ସହିତ ଆମ ରାଜ୍ୟ ଓଡ଼ିଶାର ବିଶ୍ୱପ୍ରସିଦ୍ଧ ଶିମିଳିପାଳ ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ଏକକାଳୀନ ୯ଟି ବ୍ୟାଘ୍ର ପ୍ରକଳ୍ପର ଶୁଭାରମ୍ଭ କରାଗଲା।

ଏହି କ୍ରମରେ କେବଳ ବାଘ ନୁହେଁ, ବରଂ ସମୟ ସମୟରେ ବିଭିନ୍ନ ବିପଦାପନ୍ନ ପ୍ରଜାତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପ୍ରକଳ୍ପମାନ ଆରମ୍ଭ କରାଗଲା। ଯେପରିକି ୧୯୭୫ ମସିହାରେ ତିନି ଜାତିର କୁମ୍ଭୀର ଯଥା ବଉଳା, ଘଡ଼ିଆଳ ଓ ଗୋମୁହାଁ କୁମ୍ଭୀର ସହିତ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ପାଇଁ ଯୋଜନା ହେଲା। ୧୯୭୭ ମସିହାରେ ମଣିପୁରର ବିରଳ ଥାମିଆ ହରିଣ, ୧୯୮୬ ମସିହାରେ ଜଳଜୀବ ଡଲଫିନ ବା ଶିଶୁମାର, ୧୯୯୨ ମସିହାରେ ବିଶାଳକାୟ ହାତୀ, ୨୦୦୫ ମସିହାରେ ଗଣ୍ଡା, ୨୦୦୬ ମସିହାରେ ଶାଗୁଣା, ୨୦୦୯ ମସିହାରେ ହିମ ଚିତା, ୨୦୧୩ ମସିହାରେ ସାରସ ପକ୍ଷୀ ଏବଂ ୨୦୨୨ ମସିହାରେ ଆଫ୍ରିକାରୁ ଅଣାଯାଇ ଚିତା ବାଘଙ୍କ ବଂଶବୃଦ୍ଧି ପାଇଁ ସ୍ୱତନ୍ତ୍ର ପ୍ରକଳ୍ପମାନ ଘୋଷଣା କରାଗଲା। ଦେଶର ସମସ୍ତ ରାଜ୍ୟରେ ବନ୍ୟଜନ୍ତୁଙ୍କ ତଦାରଖ ପାଇଁ ସ୍ୱତନ୍ତ୍ର ବନ୍ୟଜନ୍ତୁ ବୋର୍ଡ ଗଠନ କରାଗଲା ଏବଂ ରାଜ୍ୟସ୍ତରରେ ମୁଖ୍ୟ ବନ୍ୟଜନ୍ତୁ ତତ୍ତ୍ୱାବଧାରକ ବା ପି.ସି.ସି.ଏଫ୍. ଏବଂ ଅବୈତନିକ ବନ୍ୟଜନ୍ତୁ ତତ୍ତ୍ୱାବଧାରକମାନେ ନିଯୁକ୍ତ ହେଲେ। ଏହା ବ୍ୟତୀତ ଦେଶରେ ଅନେକ ଜାତୀୟ ଉଦ୍ୟାନ, ଅଭୟାରଣ୍ୟ, ରମସାର ସାଇଟ୍, ଜୈବମଣ୍ଡଳ, କମ୍ୟୁନିଟି ରିଜର୍ଭ ଏବଂ କନଜରଭେସନ ରିଜର୍ଭ ଆଦି ସୃଷ୍ଟି କରାଗଲା।

ତେବେ, ଏଭଳି ବ୍ୟାପକ ତଥା ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମ ସତ୍ତ୍ୱେ ମହାବଳ ବାଘ, ସାରସ ପକ୍ଷୀ ଏବଂ ଶାଗୁଣା ପ୍ରକଳ୍ପର ସଫଳତା ଆଶାନୁରୂପକ ହୋଇପାରିଲା ନାହିଁ, ଯାହା ଚିନ୍ତାର ବିଷୟ ଥିଲା। କିନ୍ତୁ ଅନ୍ୟପକ୍ଷରେ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ କ୍ଷେତ୍ରରେ ଏତେ ଅଧିକ ସଫଳତା ମିଳିଲା ଯେ, ବର୍ତ୍ତମାନ ତାହା ସାଧାରଣ ଜୀବନଯାତ୍ରା ପାଇଁ ଏକ ବଡ଼ଧରଣର କୁଫଳ ଏବଂ ଉଦ୍ ?ବେଗର କାରଣ ପାଲଟିଗଲାଣି। ବିଶେଷ କରି ମାଙ୍କଡ଼ ଏବଂ ବା ?ହା ବା ବନ୍ୟଶୂକରମାନଙ୍କର ମାତ୍ରାଧିକ ବଂଶବୃଦ୍ଧି ଘଟିବା କାରଣରୁ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବିଭିନ୍ନ ପ୍ରକାରର ଗମ୍ଭୀର ସମସ୍ୟା ଦେଖାଦେଲାଣି। ଆଜି ପରିବେଶରେ ପ୍ରାୟ ସତୁରି ପ୍ରକାରର ପକ୍ଷୀଙ୍କ ବଂଶ ସଂପୂର୍ଣ୍ଣ ଲୋପ ପାଇଯିବା ଉପରେ ଥିବାବେଳେ ସ୍ଥଳଭାଗରେ ବଂଶ ବିସ୍ତାର କରୁଥିବା ଅନେକ ପଶୁପକ୍ଷୀଙ୍କ ଉପରକୁ ମଧ୍ୟ ବିପଦ ମାଡ଼ି ଆସୁଛି। ଏହି ସନ୍ଦର୍ଭରେ ସବୁଠାରୁ ବଡ଼ ଅଭିଯୋଗ ହେଉଛି ଯେ, ଅନେକ ପଶୁପକ୍ଷୀଙ୍କ ସଂଖ୍ୟା ନିୟମିତ ଗଣତି କରାଯାଇ ପ୍ରକାଶ କରାଯାଉଥିଲେ ହେଁ, କୃଷି ଏବଂ ଜନଜୀବନ ପ୍ରତି ସବୁଠାରୁ ବଡ଼ ବିପଦ ସୃଷ୍ଟି କରୁଥିବା ବାର୍‌ହା ଓ ମାଙ୍କଡ଼ମାନଙ୍କ ସଠିକ୍ ସଂଖ୍ୟା ନେଇ କୌଣସି ନିର୍ଭରଯୋଗ୍ୟ ତଥ୍ୟ ବା ସୂଚନା ସରକାରଙ୍କ ପାଖରେ ନାହିଁ। କିନ୍ତୁ ଏକ ଆକଳନରୁ ଜଣାପଡ଼େ ଯେ ଏମାନଙ୍କ ସଂଖ୍ୟା ଦେଶରେ ପ୍ରାୟ ପାଞ୍ଚ କୋଟି କିମ୍ବା ତାହାଠାରୁ ଅଧିକ ହେବ।

ଏକ ବିଡ଼ମ୍ବନାର ବିଷୟ ଏହା ଯେ, ଏତେ ସବୁ ସମସ୍ୟା ସତ୍ତ୍ୱେ ମାଙ୍କଡ଼ ଓ ବାର୍‌ହାମାନେ ଆଇନଗତ ଭାବେ 'ସିଡ୍ୟୁଲ୍-୨' ଅନ୍ତର୍ଭୁକ୍ତ ହୋଇ କଠୋର ସୁରକ୍ଷାର କବଚ ପାଇଛନ୍ତି। ୧୯୭୨ ମସିହାର ବନ୍ୟଜନ୍ତୁ ସୁରକ୍ଷା ଆଇନରେ ପ୍ରଥମେ ବନ୍ୟଜନ୍ତୁ ବିଷୟଟି ରାଜ୍ୟ ତାଲିକାଭୁକ୍ତ ଥିଲା, ଯାହାକୁ ପରେ ୧୯୭୮ ମସିହାରେ ଯୁଗ୍ମ ତାଲିକାଭୁକ୍ତ କରାଗଲା। କୌଣସି ଉପଦ୍ରବୀ ପ୍ରାଣୀକୁ 'ଭର୍ମିନ୍' ବା କ୍ଷତିକାରକ ଘୋଷଣା କରି ମାରିବାର ଅଧିକାର ପୂର୍ବରୁ ରାଜ୍ୟମାନଙ୍କ ହାତରେ ଥିଲେ ହେଁ ୧୯୯୨ ମସିହାରେ କେନ୍ଦ୍ର ସରକାର ସେହି ଅଧିକାର ନିଜ ହାତକୁ ନେଇଗଲେ। ପରବର୍ତ୍ତୀ ସମୟରେ ୨୦୨୨ ମସିହାର ବନ୍ୟପ୍ରାଣୀ ସଂଶୋଧନ ଆଇନ ଫଳରେ ଏହି ବା ?ହା ଓ ମାଙ୍କଡ଼ମାନେ ଆଇନଗତ ସୁରକ୍ଷାର ଏକ ଅଭେଦ୍ୟ ପ୍ରାଚୀର ମଧ୍ୟରେ ରହିଗଲେ।

ଏଭଳି ଏକ ପରିସ୍ଥିତିରେ ଆଇ.ୟୁ.ସି.ଏନ୍. ର ଗାଇଡଲାଇନ୍ ଅନୁସାରେ ଦେଖିବାକୁ ଗଲେ, ଯେଉଁ ପ୍ରାଣୀମାନଙ୍କର ନିର୍ଦ୍ଦିଷ୍ଟ ହିସାବ ବା ବୈଜ୍ଞାନିକ ତଥ୍ୟ ନାହିଁ, ସେମାନେ ୮ ନମ୍ବର ଶ୍ରେଣୀରେ ଯିବା କଥା, ଯାହାର ସ୍ପଷ୍ଟ ଅର୍ଥ ହେଉଛି ଯେ ଏମାନଙ୍କ ସୁରକ୍ଷା କୌଣସି ପ୍ରକାରେ ଉଦ୍ ?ବେଗର ବିଷୟ ନୁହେଁ। କିନ୍ତୁ ଏହାର ବିପରୀତରେ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ଦେଖାଯାଉଥିବା ଅନାବଶ୍ୟକ ଆଗ୍ରହାତିଶଯ୍ୟ ଏବଂ ଅତ୍ୟଧିକ କୋହଳତା ହେତୁ ଆଜି ସାଧାରଣ ମନୁଷ୍ୟ ଏବଂ ବିଶେଷକରି କୃଷକ ସମାଜ ଅତ୍ୟନ୍ତ ଦାରୁଣ କଷଣ ଦେଇ ଗତି କରୁଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳରେ ଚାଷୀମାନେ ଦିନରାତି ପରିଶ୍ରମ କରି ଉତ୍ପାଦନ କରୁଥିବା ଫସଲକୁ ଏହି ବାର୍‌ହା ଓ ମାଙ୍କଡ଼ମାନେ ମିଶି ମାଟିରେ ମିଶାଇ ଦେଉଛନ୍ତି, ଯାହାଫଳରେ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଛି। ଏହି ପରିପ୍ରେକ୍ଷୀରେ ବନ୍ୟପ୍ରାଣୀ ସଂରକ୍ଷଣର ନୀତିନିୟମ ଏବଂ ବାସ୍ତବତାକୁ ନେଇ ବର୍ତ୍ତମାନ ଏକ ଗଭୀର ପୁନର୍ଚିନ୍ତନ ଏବଂ ସନ୍ତୁଳିତ ପଦକ୍ଷେପ ଗ୍ରହଣ କରିବାର ସମୟ ଆସିପହଞ୍ଚିଛି ବୋଲି ବୁଦ୍ଧିଜୀବୀ ଓ ଚାଷୀ ମହଲରୁ ଦୃଢ଼ ମତ ପ୍ରକାଶ ପାଉଛି।

ଜାତୀୟ ଚେତନା
JATIYA CHETANA



## ନ୍ୟାସ୍‌ନାଲ୍ ଅର୍ବାନ୍ କନ୍‌କ୍ଲେଭ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ୨୦୩୬ ସୁଦ୍ଧା ୪୦%କୁ ବୃଦ୍ଧି ହେବ ଓଡ଼ିଶାର ସହରୀକରଣ




ଭୁବନେଶ୍ୱର,(ଜା.ପ୍ର): ୨୦୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ, ୫୦୦ ବିଲିଅନ୍ ଡଲାର୍ ଅର୍ଥନୀତି ସହ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ଆମର ମୁଖ୍ୟ ଲକ୍ଷ୍ୟ। ବର୍ତ୍ତମାନ ଓଡ଼ିଶାର ସହରୀକରଣ ୧୭ ପ୍ରତିଶତ ଥିବା ବେଳେ ୨୦୩୬ ସୁଦ୍ଧା ଏହାକୁ ୪୦ ପ୍ରତିଶତକୁ ବୃଦ୍ଧି ହେବ । ଏଥିପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ଓ ଆଧୁନିକ ସଂସ୍ଥାର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଆଜି ଭୁବନେଶ୍ୱରଠାରେ ଆୟୋଜିତ ନ୍ୟାସ୍‌ନାଲ୍ ଅର୍ବାନ୍ କନ୍‌କ୍ଲେଭ୍-୨୦୨୬ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ ୨୦୪୭' ଭିଜନ୍ ଓ 'ପୂର୍ବୋଦୟ' ନୀତି ପ୍ରେରଣାରେ ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ିଉଠିଛି। ୨୦୪୭ ସୁଦ୍ଧା ଦେଶର ସହରୀ ଜନସଂଖ୍ୟା ଗ୍ରାମୀଣ ଜନସଂଖ୍ୟାକୁ ଅତିକ୍ରମ କରୁଥିବାରୁ ସହରଗୁଡ଼ିକୁ ସମାବେଶୀ, ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଓ ଆଧୁନିକ ସୁବିଧାସୁଯୋଗରେ ସମୃଦ୍ଧ କରାଯିବ। ସେ ଆହୁରି କହିଛନ୍ତି ଯେ, ସହରୀ ବିକାଶ ଓ ଅର୍ଥନୈତିକ ପ୍ରଗତିକୁ ଗତିଶୀଳ କରିବା ପାଇଁ ରାଜ୍ୟରେ ଶିକ୍ଷାୟନ, ବନ୍ଦରର ବିକାଶ, ପର୍ଯ୍ୟଟନ ଓ ସେବା କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। ଓଡ଼ିଶାକୁ ଏପର୍ଯ୍ୟନ୍ତ ୨୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିସାରିଥିବା ବେଳେ ୩.୫ ଲକ୍ଷ କୋଟି ଟଙ୍କାର ନିବେଶ ସହ ୨୦୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗର ଗ୍ରାଉଣ୍ଡିଂ ସମ୍ପନ୍ନ ହୋଇଛି। କେନ୍ଦ୍ର ସରକାର ଓ ନୀତି ଆୟୋଗଙ୍କ ମାର୍ଗଦର୍ଶନରେ 'ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍' (ବିକେପିପିଇଆର୍) ପ୍ରତିଷ୍ଠା କରାଯାଉଛି। ଏହାସହ ଭୁବନେଶ୍ୱର ଓ କଟକର ସମ୍ପ୍ରସାରଣ କରି ନୂଆ ସାଟେଲାଇଟ୍ ଟାଉନ୍‌ସିପ୍ ଗଠନ କରାଯାଉଛି ଏବଂ ନୂତନ ଭାବେ ୨୮ଟି ଏନ୍.ଏ.ସି, ୭ଟି ମ୍ୟୁନିସିପାଲିଟି ଓ ଗୋଟିଏ ମ୍ୟୁନିସିପାଲ୍ କର୍ପୋରେସନ୍ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ଜନକଲ୍ୟାଣକାରୀ ସହରୀ ଯୋଜନାଗୁଡ଼ିକର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ପିଏମ୍‌ଏଓ୍ୱାଇ-ଅର୍ବାନ୍ ଅଧୀନରେ ୧.୫୩ ଲକ୍ଷ ଆବାସ ନିର୍ମାଣ ହୋଇଥିବା ବେଳେ ପିଏମ୍‌ଏଓ୍ୱାଇ ୨.୦ ଅନ୍ତର୍ଗତ 'ପିଏମ୍‌ଏଓ୍ୱାଇ ଅର୍ବାନ୍ ବନ୍ଧୁ' କାର୍ଯ୍ୟକ୍ରମ ପାଇଁ ଆଗାମୀ ୫ ବର୍ଷରେ ୧୬୧୫ କୋଟି ଟଙ୍କାର ମଞ୍ଜୁରୀ ଦିଆଯାଇଛି, ଯେଉଁଥିରେ ଇଡବ୍ଲ୍ୟୁଏସ୍ ହିତାଧିକାରୀଙ୍କୁ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ୍ ଫି'ରେ ୯୦ ପ୍ରତିଶତ ଛାଡ଼ ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଭିତ୍ତିଭୂମି ପାଇଁ ୬୦୦୦ କୋଟି ଟଙ୍କା, ୧୧ଟି ସହରରେ ୨୪ ଘଣ୍ଟିଆ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ଜଳଯୋଗାଣ ଏବଂ ୧୬୦୦ କୋଟି ଟଙ୍କାର 'ସ୍ୱଚ୍ଛ ଓଡ଼ିଶା ଯୋଜନା' କାର୍ଯ୍ୟକାରୀ ହେଉଛି। ସଫେଇ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପାଇଁ 'ଗରିମା' ଯୋଜନା ଜରିଆରେ ସ୍ୱଚ୍ଛ ସାଥୀମାନଙ୍କୁ ଆଧୁନିକ ମେସିନ୍, ସୁରକ୍ଷା ସରଞ୍ଜାମ, ଜୀବନ ବୀମା ଓ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉଛି। ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ 'ଚାଲିବାର ଅଧିକାର' (ଦି ରାଇଟ୍ ଟୁ ୱାକ୍) ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହରୀ ପରିବହନରେ ସୁରକ୍ଷିତ ଫୁଟପାଥ୍, କ୍ରସିଂ ଓ ପବ୍ଲିକ ସ୍ପେସ୍ ପ୍ଲାନିଂର ମୁଖ୍ୟ ଅଂଶ ଅଟେ। ରାଜ୍ୟର ସିଆର୍‌ୟୁଟି ନେଟୱାର୍କ ୨୦୧୮ରେ ୨୦୦ଟି ବସରୁ ଆରମ୍ଭ ହୋଇ ଆଜି ୭୭୦ଟି ବସ୍ ସହ ୧୩୮ଟି ରୁଟ୍‌ରେ ୭ଟି ସହରକୁ ସଂଯୋଗ କରୁଛି, ଯେଉଁଥିରେ ଦୈନିକ ୩.୫ ଲକ୍ଷ ଯାତ୍ରୀ ଯାତାୟାତ କରୁଛନ୍ତି। ଆଜି ପିଏମ୍ ଇ-ବସ୍ ସେବା ଅଧୀନରେ ୨୬ଟି ଇ-ବସ୍ ସେବାର ଶୁଭାରମ୍ଭ କରାଯାଇଥିବା ବେଳେ ଏହା ଅଧୀନରେ ଆହୁରି ୪୦୦ଟି ଇ-ବସ୍, ୧୦୦ଟି ମିଡି ଓ ୫୦ଟି ମିନି ଇ-ବସ୍ ଯୋଡ଼ିହେବ। ବର୍ତ୍ତମାନ ସିଆର୍‌ୟୁଟି ଜରିଆରେ ୭ଟି ସହରରେ ଆମ ବସ୍ ସେବା ଯୋଗାଇ ଦିଆଯାଉଛି। ନୂଆ ଇ-ବସ୍ ଆସିବା ପରେ ଆଉ ୯ଟି ସହରରେ ଇ-ବସ୍ ସେବା ପ୍ରଦାନ କରାଯିବ। ଏହି ସହର ଗୁଡ଼ିକ ହେଲା ବାରିପଦା, ଅନୁଗୋଳ, ଝାରସୁଗୁଡ଼ା, ବାଲେଶ୍ୱର, ଯାଜପୁର, ରାୟଗଡ଼ା, ଜୟପୁର, ଭଦ୍ରକ ଓ ବଲାଙ୍ଗୀର ସହରରେ ଇ-ବସ୍ ସେବା କାର୍ଯ୍ୟକାରୀ ହେବ। ଏହା ସହିତ 'ଓଡ଼ିଶା ଯାତ୍ରୀ ଆପ୍' ଜରିଆରେ ଡିଜିଟାଲ୍ ଟିକେଟିଙ୍ଗ୍ ସୁବିଧା ସହିତ ୯ ଲକ୍ଷରୁ ଉର୍ଦ୍ଧ୍ୱ ବସ୍ ଯାତ୍ରା ହୋଇଛି, ଯେଉଁଥିରେ ଚାଳକମାନେ ବିନା କମିଶନ୍‌ରେ ୧୦୦% ଭାଡ଼ା ପାଇ ୧୨ କୋଟି ଟଙ୍କାର ରୋଜଗାରକ୍ଷମ ହୋଇପାରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଅଙ୍କୁର ହ୍ୟାଣ୍ଡବୁକ୍' ଏବଂ 'ଟାଉନ୍ ପ୍ଲାନିଂ ହ୍ୟାଣ୍ଡବୁକ୍'ର ଉନ୍ମୋଚନ କରିବା ସହ ନୂତନ ନଗର ଉନ୍ନୟନ ନୀତିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ନାଗରିକଙ୍କ ମୌଳିକ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ, ପବିତ୍ର ଧାମ ପୁରୀରୁ ଆରମ୍ଭ ହୋଇଥିବା 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ ଆଜି ସଫଳତାର ସହ ୧୧ଟି ସହରକୁ ସମ୍ପ୍ରସାରିତ ହୋଇଛି। ଏଥିସହିତ ରାଜ୍ୟର ୧୧୪ଟି ସହରାଞ୍ଚଳରେ ଘରେ ଘରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହି ମିଶନକୁ ସୁଦୃଢ଼ ଓ ସୁଚାରୁ ରୂପେ ପରିଚାଳନା କରିବା ପାଇଁ 'ଜଳସାଥୀ'ମାନଙ୍କୁ ସାମିଲ କରାଯିବା ସହ, ଜଳର ଗୁଣବତ୍ତା ନିୟମିତ ପରୀକ୍ଷା ଓ ଅନୁଧ୍ୟାନ ପାଇଁ ଆଇ.ଆଇ.ଟିର ସହଯୋଗ ନିଆଯାଉଛି। ଏହି କନ୍‌କ୍ଲେଭ୍‌ରେ ନୀତି ଆୟୋଗର ସିଇଓ ଅନୁରାଗ ଜୈନ କହିଛନ୍ତି ଯେ ୨୦୪୭ ମସିହା ସୁଦ୍ଧା ଭାରତର ୫୦ ପ୍ରତିଶତ ଜନସଂଖ୍ୟା ସହରାଞ୍ଚଳରେ ବାସ କରିବେ ଏବଂ ଏହି ୫୦ ପ୍ରତିଶତ ଜନସଂଖ୍ୟା ଦେଶର ମୋଟ ଜି.ଡି.ପି. ର ୭୫ ପ୍ରତିଶତ ଯୋଗଦାନ ଦେବେ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ସହରୀକରଣ ସୁସଂଗଠିତ ଓ ଯୋଜନାବଦ୍ଧ ଉପାୟରେ ହେବା ଅତ୍ୟନ୍ତ ଜରୁରୀ। ସୁଚିନ୍ତିତ ଓ ଯୋଜନାବଦ୍ଧ ସହରୀକରଣ ଦେଶର ଅର୍ଥନୈତିକ ବିକାଶ ଓ ପ୍ରଗତିକୁ ଗତିଶୀଳ କରୁଥିବା ବେଳେ ଅସଂଯୋଜିତ ଓ ବିଶୃଙ୍ଖଳିତ ସହରୀକରଣ ବିଭିନ୍ନ ଗମ୍ଭୀର ସମସ୍ୟା ସୃଷ୍ଟି କରିଥାଏ। କେନ୍ଦ୍ର ସରକାରଙ୍କ ସହରୀ ବିକାଶ ବିଭାଗ ସଚିବ ସତେନ୍ଦ୍ର ପାଲ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କନ୍‌କ୍ଲେଭ୍‌ରେ କେନ୍ଦ୍ର ଗୃହ ନିର୍ମାଣ ଓ ସହରୀ ବ୍ୟାପାର ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ, ଓଡ଼ିଶା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନେକ ଅଧିକାରୀ, ବିଶେଷଜ୍ଞ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଢେଙ୍କାନାଳରୁ ବିଦ୍ୟୁତ ଠିକା କର୍ମଚାରୀଙ୍କ ଦଣ୍ଡ ମୁଣ୍ଡିଆ ଶୋଭାଯାତ୍ରା




ଢେଙ୍କାନାଳ,(ଜା.ପ୍ର): ଟାଟା ପାୱାରକୁ ଓଡ଼ିଶାରୁ ହଟାଇବା ଏବଂ ବିଦ୍ୟୁତ ଠିକା କର୍ମଚାରୀଙ୍କ ସମସ୍ୟାର ସମାଧାନ ଦାବିରେ ଆନ୍ଦୋଳନକୁ ଜୋରଦାର କରିଛି ଅଲ୍ ଓଡ଼ିଶା ବିଦ୍ୟୁତ ଠିକା କର୍ମଚାରୀ ମିଳିତ ମଞ୍ଚ। ଏହି ଦାବିରେ ଢେଙ୍କାନାଳ କଲେଜ ବାଇପାସ୍ ଠାରୁ ଦଣ୍ଡମୁଣ୍ଡିଆ ଶୋଭାଯାତ୍ରାରେ ବାହାରି ଶ୍ରମିକମାନେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ରହିଛି।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟୁତ ବିଭାଗରେ ଦୀର୍ଘ ୧୪ରୁ ୧୫ ବର୍ଷ ଧରି କାର୍ଯ୍ୟ କରିବା ପରେ ମଧ୍ୟ ଠିକା କର୍ମଚାରୀମାନେ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ, ଟାଟା ପାୱାର ଉପଭୋକ୍ତାମାନଙ୍କୁ ମଧ୍ୟ ଶୋଷଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରି କମ୍ପାନୀ ମୁନାଫା ବଢ଼ାଇବାକୁ ଉଦ୍ୟମ କରୁଥିବା ଏବଂ ଏ କ୍ଷେତ୍ରରେ ସରକାର ନିରବ ରହୁଥିବା ମଧ୍ୟ ଆନ୍ଦୋଳନକାରୀମାନେ ଅଭିଯୋଗ ଉଠାଇଛନ୍ତି। ଏନେଇ ଡିଭିଜନ ସଭାପତି ଚନ୍ଦ୍ରଶେଖର କହିଛନ୍ତି ଯେ, ଟାଟା ପାୱାର ଆସିବା ପରଠାରୁ ଉପଭୋକ୍ତା ଓ ବିଦ୍ୟୁତ କର୍ମଚାରୀ ଉଭୟେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ମାନ୍ୟବର ଶକ୍ତିମନ୍ତ୍ରୀ ତୁରନ୍ତ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ସହ ଟାଟା ପାୱାରକୁ ଓଡ଼ିଶାରୁ ହଟାଇବାକୁ ସେ ଦାବି କରିଛନ୍ତି। "ଟାଟା ହଟାଅ, ଓଡ଼ିଶା ବଞ୍ଚାଅ" ନାରା ଦେଇ ଆନ୍ଦୋଳନକୁ ଆଗକୁ ବଢ଼ାଇଛନ୍ତି କର୍ମଚାରୀମାନେ। ସରକାର ଯଥାଶୀଘ୍ର ସେମାନଙ୍କ ଦାବି ପୂରଣ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଅଲ୍ ଓଡ଼ିଶା ବିଦ୍ୟୁତ ଠିକା କର୍ମଚାରୀ ମିଳିତ ମଞ୍ଚ ଚେତାବନୀ ଦେଇଛି।

## ଜାତୀୟ ସହରାଞ୍ଚଳ ସମ୍ମିଳନୀରେ ଓଡ଼ିଶାର ସୁଲଭ ଗୃହନିର୍ମାଣ ଆଭିମୁଖ୍ୟ ଉପସ୍ଥାପିତ

ଭୁବନେଶ୍ୱର,(ଜା.ପ୍ର): ସହରାଞ୍ଚଳରେ ଗୃହର ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ବ୍ୟବଧାନ ଦୂର କରିବା ସହ ସମସ୍ତଙ୍କ ପାଇଁ ସୁଲଭ ଗୃହ ଉପଲବ୍ଧ କରାଇବା ଦିଗରେ ଓଡ଼ିଶା ସରକାରଙ୍କ ପଦକ୍ଷେପ ଦ୍ୱିତୀୟ ଜାତୀୟ ସହରାଞ୍ଚଳ ସମ୍ମିଳନୀ-୨୦୨୬ରେ ଉପସ୍ଥାପିତ ହୋଇଛି। ଭୁବନେଶ୍ୱରଠାରେ ଆୟୋଜିତ 'ସୁଲଭ ଗୃହନିର୍ମାଣ-ଚାହିଦା ଓ ଯୋଗାଣର ଗତିଶୀଳତା' ଶୀର୍ଷକ ଅଧିବେଶନରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ରାଜ୍ୟର ସମନ୍ୱିତ ଗୃହନିର୍ମାଣ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ।

ଏହି ଅବସରରେ 'ବନ୍ଧୁ' ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା । ଏହି ପଦକ୍ଷେପ ପାଇଁ ପାଞ୍ଚ ବର୍ଷରେ ୧,୬୧୫ କୋଟି ଟଙ୍କା ବରାଦ କରାଯାଇଛି । ଏହା ଗୃହନିର୍ମାଣ ପ୍ରକଳ୍ପକୁ ସହାୟତା, ନିର୍ମାଣ ଶ୍ରମିକଙ୍କୁ ପ୍ରୋତ୍ସାହନ ଏବଂ ଯୋଗ୍ୟ ପରିବାରଙ୍କ ପାଇଁ ଗୃହ ସହାୟତାର ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛି । ଜମିହୀନ ଓ ଅନ୍ୟାନ୍ୟ ବଞ୍ଚିତ ପରିବାରଙ୍କ ପାଇଁ ସୁଲଭ ଗୃହ, ଭଡ଼ା ଗୃହ ଓ ଅସ୍ଥାୟୀ ଆଶ୍ରୟ ବ୍ୟବସ୍ଥାକୁ ମଧ୍ୟ ଏହା ଗୁରୁତ୍ୱ ଦେଉଛି। ରାଜ୍ୟର ଗୃହନିର୍ମାଣ ମଡେଲ୍‌ରେ ହିତାଧିକାରୀଙ୍କ ନିଜସ୍ୱ ଉଦ୍ୟମରେ ଗୃହନିର୍ମାଣ, ସୁଲଭ ଗୃହ ପ୍ରକଳ୍ପ, ବସ୍ତିର ସ୍ଥାନୀୟ ପୁନର୍ବିକାଶ, ପୁନର୍ବାସ ଓ ଭଡ଼ା ଗୃହ ଅନ୍ତର୍ଭୁକ୍ତ । ସହରାଞ୍ଚଳରେ ହିତାଧିକାରୀଙ୍କ ନିଜସ୍ୱ ଉଦ୍ୟମରେ ପ୍ରାୟ ୧.୪ ଲକ୍ଷ ଘର ନିର୍ମାଣ ଶେଷ ହୋଇ ଲୋକମାନେ ସେଥିରେ ବସବାସ କରୁଛନ୍ତି । ଏଥିସହ 'ବନ୍ଧୁ' ଅଧୀନରେ ରାଉରକେଲା, ଢେଙ୍କାନାଳ, ପାରାଦୀପ ଓ ଝାରସୁଗୁଡ଼ାରେ ଭଡ଼ା ଗୃହର ପୁନରୁଦ୍ଧାର ପ୍ରକଳ୍ପକୁ ସହାୟତା ଦିଆଯାଉଛି। ସୁଲଭ ଗୃହନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ଶୁଳ୍କ ହ୍ରାସ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ ଓ ନିମ୍ନ ଆୟ ବର୍ଗ ପାଇଁ ଗୃହ ବ୍ୟବସ୍ଥା, ଅତିରିକ୍ତ ଫ୍ଲୋର୍ ଏରିଆ ରେସିଓ ଓ ଟ୍ରାନ୍ସଫରେବଲ୍ ଡେଭଲପମେଣ୍ଟ ରାଇଟ୍ସ ଭଳି ନୀତିଗତ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହା ସହ ପ୍ରସ୍ତାବିତ 'ଭୂମି' ଢାଞ୍ଚା ସମ୍ପର୍କରେ ତଥ୍ୟ ଦିଆଯାଇଥିଲା । ଏଥିରେ ଗୃହନିର୍ମାଣ ଓ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ଜମି ବ୍ୟାଙ୍କ, ଜିଆଇଏସ୍ ଆଧାରିତ ଜମି ତଥ୍ୟଭଣ୍ଡାର ଏବଂ ଜମି ଆବଣ୍ଟନ ବ୍ୟବସ୍ଥାର ପରିକଳ୍ପନା ରହିଛି । ଏହି ନୀତିର ଚିଠା ପ୍ରକ୍ରିୟାଧୀନ ଥିବାବେଳେ ଏହାକୁ ଅନୁମୋଦନ ପାଇଁ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପନ କରିବାକୁ ପ୍ରସ୍ତାବ ରହିଛି ।

ପୃଷ୍ଠା-୬, ଭୁବନେଶ୍ୱର
ଅକ୍ଟୋବର ୨୬ରୁ ନଭେମ୍ବର ୦୧, ୨୦୨୬

ଜାତୀୟ ଚେତନା
JATIYA CHETANA

Page-6, Bhubaneswar
October 26 to November 01, 2026



# ପକ୍ଷୀ ଓ ନାରୀ

ପକ୍ଷୀଙ୍କୁ ଭଲପାଇ ଫସିଯାଇଛନ୍ତି ଯେମିତି ଅରୁ। ସମସ୍ତେ ଶୋଇଗଲା ପରେ ସେ କବିତା ଲେଖନ୍ତି। ଲେଖନ୍ତି ଜୀବନର କେତେ କଥା, ଗାଥା ତଥା ସାମ୍ପ୍ରଦାୟିକତା ଉପରେ। ମନେପକାନ୍ତି ସେହି କାଳଜୟୀ ବିଶ୍ୱକବିମାନଙ୍କୁ। ତାଙ୍କ ଭିତରୁ ଶ୍ରୀ ଅରବିନ୍ଦ ଓ ରବୀନ୍ଦ୍ରନାଥ ଠାକୁର ତାଙ୍କର ଭାରି ପ୍ରିୟ। ପୁଣି ଫକୀରମୋହନ ସେନାପତି କଥାକାର ହେଲେ ମଧ୍ୟ ପ୍ରଜାମେଳି ରୋକିବାକୁ ସେ 'ପାନ' ଓ 'ଗୁଆ' ଦୁଇ ଶବ୍ଦର ଯେମିତି ବ୍ୟବହାର କରିଥିଲେ, ତାହା କୌଣସି କାବ୍ୟିକ ମନୋଭାବଠାରୁ କମ୍ ନୁହେଁ। ଅରୁ ଲେଖନ୍ତି ବିନା ଆଳଙ୍କାରିକ ଶବ୍ଦ ସମାହାରରେ, କିନ୍ତୁ ସମସ୍ତେ ଶୋଇପଡ଼ିଥିବାରୁ ନିଶବ୍ଦ ରାତିରେ ପେଚାବୋବାଳି ଶୁଣି ଡର ମାଡ଼େ। ଲକ୍ଷ୍ମୀମାତାଙ୍କ ବାହନ ପେଚାବୋବାଳିକୁ ଖୁବ୍ ଶୁଭଙ୍କର ମନେକରି ଲେଖନୀ ବା ଆଜିକାର କଲମ ଚାଳନା କରୁ କରୁ କେବେ ମନେପଡ଼ନ୍ତି 'ଗୀତଗୋବିନ୍ଦ'ର ରଚୟିତା ଜୟଦେବ ତ କେବେ ମନେପଡ଼ନ୍ତି ଭୀମଭୋଇ। ତାଙ୍କ ପରି କାଳଜୟୀ କବିତା ପଦେ ଉତୁରିଲାନି ତାଙ୍କ କଲମରୁ ଏଯାଏଁ- ଭାବି ମନଦୁଃଖ କରନ୍ତି। ତଥାପି ପକ୍ଷୀ ଦେଖିବା ପରି କବିତା ଲେଖିବା ନିଶା ଆଜିକାଲି ପେଷାରେ ପରିଣତ ହେଲାଣି ଅରୁଙ୍କର। ପ୍ରିୟାର ଆଖି ଚଢ଼େଇବସା ପରି ଲେଖି ମନକୁ ଦୋହଲାଇ ଦେଇଥିବା ସେ କବିସବୁ ଆଉ ନାହାନ୍ତି। ତାଙ୍କୁ ସବୁ ମନେପକେଇବାକୁ ବିଶ୍ୱ କବିତା ଦିବସ ଆସୁଛି। କେତେ ଦହନ, ଜ୍ୱଳନ, କଳ୍ପନାର ଶବ୍ଦସବୁକୁ ସାଉଁଟି ପୁଣି ସେସବୁକୁ ପାଛୁଡ଼ି ଓ ବେଙ୍ଗଳା ପକେଇ ଯେଉଁ କବିତାମନସ୍କ କବିମାନେ କବିତା ସୌଧ ଗଢ଼ିଥିଲେ, ତାହାକୁ ରକ୍ଷା କରିବାକୁ ଯାଇ ଏ ପାରାପିଢ଼ି ଓ ସେ ନିଜେ ଲେଖୁଛନ୍ତି କ'ଣ! ସିଧାସାଧା ଜୀବନର ଭାବ, ମୋହ, ମାୟାକୁ ଐଶ୍ୱର୍ଗିକ ଶକ୍ତି ଭିତରେ ବୁଡ଼େଇ କିଛି ଶବ୍ଦ ଗୁଡ଼େଇତୁଡ଼େଇ ଅରୁ କିଛି କବିତା ଲେଖୁଥିଲେ ଓ କିଛି କବିତାଲେଖା କାଗଜ ଚିରି ଫିଙ୍ଗୁଫିଙ୍ଗୁ ରାତି ବଢୁଥିଲା। ସମସ୍ତେ ଶୋଇଯିବା ପରେ ସ୍ୱାମୀଙ୍କ ନିଦୁଆ ଆଖିକୁ ଦେଖି ଅରୁ କାହିଁରୁ କେତେ କଥା ଭାବୁଥିଲେ। ଏବେ ସ୍ୱାମୀଙ୍କ ଦୁଇ ଆଖି ତାଙ୍କୁ ଚଢ଼େଇବସା ପରି ଲାଗୁଥିଲା, ପ୍ରକୃତରେ ହେଲେ ପେଚାବୋବାଳି ଡରରେ ସେ ଶୋଇଯାଇଥିଲେ ନିଦରେ।

ଅରୁଙ୍କ ଦୁଆର ଆଗରେ ଝଙ୍କାଳିଆ ବରଗଛ ଉପରେ କାହିଁ କୁଆଡୁ ଉଡ଼ିଆସି କେତେ ପକ୍ଷୀ ବସନ୍ତି। ଖରାଦିନେ ପାଣିଟୋପେ ପିଇବାକୁ ତହଲବିକଳ ହେଉଥିବା ପକ୍ଷୀମାନଙ୍କ ପାଇଁ ଛାତ ଉପରେ ମାଟିଘଡ଼ି ବା ଅଧାମାଟି ଘଡ଼ା ସାତଟାରେ ପାଣି ଭରି ଠାଏ ଠାଏ ରଖିଦିଅନ୍ତି ଅରୁ। ପକ୍ଷୀଗୁଡ଼ିକ ଯେତେବେଳେ ଇଚ୍ଛା କରନ୍ତି ଉଡ଼ିଆସି ପାଣି ପିଇ ପୁଣି ବରଗଛ ଡାଳକୁ ଉଡ଼ିଯାଆନ୍ତି। ସେଇ ଛାତରେ ତୁଳସୀଚଉରା ଅରୁଙ୍କର। ପ୍ରତିଦିନ ତୁଳସୀମୂଳେ ଜଳଦେବାକୁ ଓ ସୂର୍ଯ୍ୟଙ୍କୁ ଜଳଦାନ କରି ପୁଣ୍ୟ ପାଇବାକୁ ଅରୁ ଯେବେ ଛାତଉପରକୁ ଯାଆନ୍ତି, ଭରିଦିଅନ୍ତି ସେହି ଅଧାଅଧି ବା ପୂରା ଖାଲି ପଡ଼ିଥିବା ମାଟିଘଡ଼ିଗୁଡ଼ିକୁ। ଦିନକୁ ଦୁଇଥର ଛାତଉପରକୁ ଯାଆନ୍ତି ଅରୁ। ସକାଳେ ଯେମିତି ସକାଳ ସୂର୍ଯ୍ୟ ପୂଜା କରି ଶାନ୍ତି ପାଆନ୍ତି, ସେମିତି ଚାରିଟା ବେଳେ ବରଗଛ ଡାଳରେ ଜାତିଜାତି ପକ୍ଷୀ ଦେଖି ତାଙ୍କ ସ୍ୱର ଠଉରାଇ ତାଙ୍କ ଗତିବିଧି ଲକ୍ଷ୍ୟ କରି ତାଙ୍କୁ ଠଉରାନ୍ତି। ଅରୁଙ୍କୁ ଦେଖିଲେ ପାଣି ପିଇବାର ଶହେରୁ ଶହେ ଇଚ୍ଛାକୁ ଚାପିଦେଇ ପକ୍ଷୀମାନଙ୍କ ନୀଡ଼ବାହୁଡ଼ା ବେଳେ ବସାକୁ ଫେରିପଡୁଥିବା ବଣି, କାଉ ସହ ସେଇ ବାର୍ତ୍ତଚଢ଼େଇ ମଧ୍ୟ ଉଡ଼ିଯିବା ଦେଖି ମନ ଖରାପ ହୁଏ ଅରୁଙ୍କର ତଥାପି ହଲଚଲ ନହୋଇ ସ୍ଥାଣୁ ପାଲଟି ବସିଯାଆନ୍ତି ଚୁପ୍‌ଚାପ୍ ଅରୁ।

ବାର୍ତ୍ତଚଢ଼େଇର ଗୋଟେ ଇତିହାସ ଅଛି। ପୁଅଝିଅ ଦୁହେଁ ପାଟିକୁ ଖାଦ୍ୟ ନେଉନଥିବା ବେଳେ ଛାତଉପରେ ଏଇ ଚଢ଼େଇ ଦେଖେଇବୁଲେଇ ବୁଲେଇ ଖୁଆଇଲା ବେଳେ ଅରୁ କହନ୍ତି, 'ଦେଖ ଦେଖ, ବାର୍ତ୍ତ ଆସିଲାଣି, ଏବେ ସବୁ ଖାଇନେବ। ତୁ ଆଁ କରି ଖାଇଦେ ଧନ।' ମୁଁ ଆଖିମୁଜି ଥାଏ କି ମୋ ଧନ/ଧାନୀ ଖାଇଥାଏ କି— କହୁକହୁ ଖାଇଦିଅନ୍ତି ପିଲାବେଳେ ପୁଅ ଓ ତା'ପରକୁ ଠିକ୍ ସେହି ପ୍ରଣାଳୀରେ ଝିଅ। ତ ଆଖି ଖୋଲି ଅରୁ କହନ୍ତି, 'କିଏ ଖାଇଲା?' ପୁଅ ଓ ପରେ ପରେ ଝିଅ ଦେଖେଇ ଦିଅନ୍ତି ବାର୍ତ୍ତଚଢ଼େଇକୁ। ଯେଉଁ ଚଢ଼େଇ, ଯାହାର ସଠିକ୍ ନାମ ଏଯାଏଁ ନଜାଣି ସେହି 'ବାର୍ତ୍ତଚଢ଼େଇ' ହୋଇ ରହିଯାଇଛି ପକ୍ଷୀଟି। ଅନେକାଂଶରେ ହଳଦୀବସନ୍ତ ଓ ଶୁଆର ମିଶ୍ରଣର ସେହି ବାର୍ତ୍ତଚଢ଼େଇ କିନ୍ତୁ ଡରେନା ଅରୁଙ୍କୁ ଦେଖି। 'କିଏ ଖାଇଲା, କିଏ ଖାଇଲା' କହିଲେ ପାଟିରେ ଖାଦ୍ୟ ନେଇ ଢ଼ୋକି ଦେଉଥିବା ପିଲା ଦୁହେଁ ଯିଏ ଯାହା ସଂସାରରେ ଦୂରବିଦେଶରେ ଥିଲାବେଳେ ପକ୍ଷୀମାନଙ୍କ ଭିତରେ ବାର୍ତ୍ତଚଢ଼େଇ ଅରୁଙ୍କର ଖୁବ୍ ପ୍ରିୟ। ସେଦିନ ଆଳୁପରଟା କରି ଅନିରୁଦ୍ଧଙ୍କୁ ଖାଇବାକୁ ଦେଉଦେଉ ସନ୍ଧ୍ୟା ଆସିଯାଇଥିଲା। ଗୋଠବାହୁଡ଼। ଦୃଶ୍ୟ ସହ ପକ୍ଷୀମାନଙ୍କର ନୀଡ଼ଫେରନ୍ତା ଦୃଶ୍ୟ ଦେଖିବାକୁ ତରତର ହେଉଥିଲେ ଅରୁ ଛାତଉପରକୁ ଯିବାକୁ, ତ ସ୍ୱାମୀ କହୁଥିଲେ, 'କ'ଣ ରାଣୀମାଆଙ୍କର ଏଇ ଆଳୁପରଟା ସାଙ୍ଗକୁ ଆଜି ଚଟଣୀ ଇତ୍ୟାଦିର କିଛି ଯୋଜନା ନାହିଁ ନା କ'ଣ?' 'ଆଳୁପରଟା ଭିତରେ ତ ଚଟଣୀ, ପୁଣି କ'ଣ ଚଟଣୀ ଖୋଜୁଛ,' କହି ତରତରରେ ଯୋଗାଡ଼ କରିଥିବା ଷ୍ଟିଲଡାଳ ସବୁ ନେଇ ଛାତଉପରକୁ ଉଠୁଥିଲେ ଅରୁ। କୋଉଠି ଥାଆନ୍ତି ଏ ମାଙ୍କଡ଼ସବୁ, ମାଟିଘଡ଼ିଗୁଡ଼ିକରୁ ପାଣି ପିଇ କଚାଡ଼ି ଭାଙ୍ଗିସାରିଛନ୍ତି। ତାଙ୍କ ପାଇଁ ତ ଆରପଟ ଛାତରେ ପାଣି ଥୁଆ ହୋଇଛି। ବିଚରା ପକ୍ଷୀଗୁଡ଼ିକର ଘଡ଼ି ଭାଙ୍ଗିଦେଲେ ସେମାନେ ଜଳ କଳକୁ କେମିତି ନେବେ ଥଣ୍ଡରେ? ସବୁ ଢାଳରେ ପାଣି ଭରି ଜଗି ରହିଲେ ଦୂରରେ ଅରୁ। ପାରାଟିଏ ଉଡ଼ିଆସିଲା। ପାଣି ଖୋଜିଖୋଜି ବୋଧହୁଏ ହଇରାଣ ହୋଇଯାଉଥିଲା ତାର। କ'ଣ ଦେଖିପାରୁନି କି ଥଣ୍ଡାଜଳପୂର୍ଣ୍ଣ ଷ୍ଟିଲଡାଳଗୁଡ଼ିକରେ ଥୁଆ ପାଣି? ଡାଳସବୁକୁ ସ୍ଥାଣୁ ପାଲଟି ବସିଗଲେ ଅରୁ। ବୋଧହୁଏ ତାଙ୍କ ଉପସ୍ଥିତି ପାରାଟିକୁ ପାଣି ପିଇବାକୁ ଦେଉନି। ଶେଷରେ ପାରାଟି ଉଡ଼ିଆସିଲା ଚଉରା ଉପରକୁ। ଦୁଇଦିନ ତଳେ ଅଦିନ ବର୍ଷାରେ ଝୁଣାଧୂପଦାନୀ, ରୁଖା, ଦୀପରେ ଲାଗିଥିବା ଟୋପେଟୋପେ ପାଣିକୁ ଥଣ୍ଡ ବୁଢ଼େଇ ପିଇଲାବେଳେ ମନେମନେ ଅରୁ କହୁଥାନ୍ତି, 'ଆରେ ବୋକା, ଷ୍ଟିଲଡାଳରେ ପରା ଭଲ ପାଣି।' ଟିକେ ହଳଚଲ ହୋଇଗଲା ଅରୁଙ୍କ ଶରୀର ତ ଫଡ଼ଫଡ଼ ଉଡ଼ିଗଲା ପାରାଟା। ବିରକ୍ତିରେ ଅରୁ କହୁଥିଲେ, 'ଏ ପାରାଠୁ ବାର୍ତ୍ତଚଢ଼େଇଟା ଢେର୍ ଭଲ।' ତଳୁ ସ୍ୱାମୀ ଡାକପକେଇଲେ, 'ପୁଅର ଫୋନ୍ ଆସୁଛି।' ପୁଅ କହୁଥିଲା, 'ମାଆ, ତୁ ତ ଜାଣିଛୁ ଦିଲ୍ଲୀର ଏଇ ଭଡ଼ାଘର ବାଲକୋନିରେ ଥରକୁ ଥର ପାରା ଦୁଇଟି ଅଣ୍ଡା ଦେଇ ଛୁଆ କରନ୍ତି। ଏବେ ଟିକେ ବର୍ଷା ହୋଇଯାଇଛି ଏଠି ତ ଶୁଖିଲା ଅଖା ପାରିଦେଇ ଚାଉଳଗିନା ଓ ପାଣିଗିନା ଥୋଇଛି, ହେଲେ ମାଆପାରା ଗୋଟେ ଅଣ୍ଡାକୁ ଗଡ଼େଇଗଡ଼େଇ ପେଟତଳେ ଜାକି ଭୁଲିଯାଇଛି, ଆଉ ଗୋଟିଏକୁ ନେଇନି ଏଯାଏଁ! କ'ଣ କରିବି କହିଲୁ?' 'ପାରାର ଅନ୍ୟମନସ୍କତାର ସୁଯୋଗ ନେଇ ଆର ଅଣ୍ଡାଟିକୁ ତା' ପେଟତଳେ ଥୋଇଦେ।' 'ସେ ଯଦି ଖୁମ୍ପିଦିଏ ବା ଉଡ଼ିଯାଏ?' 'ନା' ମା', ସେ କ'ଣ ବାର୍ତ୍ତଚଢ଼େଇ ପରି ହୋଇଛି?' ପୁଅ ହସୁଥିଲା, କହୁଥିଲା, 'ଓଃ, ଆମ ପିଲାଦିନର ବାର୍ତ୍ତଚଢ଼େଇ? ଏ ପାରାଟା ଆଉ କ'ଣ କି!' ଠିକ୍ ସେତିକିବେଳେ ଝିଅ ଫୋନ୍ କରି କହୁଥିଲା, 'ମାଆ, ତୋ ପକ୍ଷୀଘର ଗଳ୍ପଟି କ'ଣ ଆମ ପିଲାଦିନର ବାର୍ତ୍ତଚଢ଼େଇ ଉପରେ ଲେଖିଛୁ? ପଢ଼ିକି ମଜା ଆସିଗଲା।' 'ହଉ, ମୁଁ ଏବେ ପାରା ଉପରେ ଲେଖିବାକୁ ଯାଉଛି,' ବୋଲି କହୁଥିଲେ ଅରୁ। ଝିଅ ହସୁଥିଲା ଖଲଖଲ, କହୁଥିଲା, 'ଲେଖ, ଲେଖ, ତୋ ନାତିନାତୁଣୀ ପଢ଼ିବେ।' 'ହଁ ଝିଅ, ସମସ୍ତେ ଶୋଇଗଲା ପରେ ଲେଖିବି ରାତିରେ।' ପିଲାମାନଙ୍କ ପିଲାଦିନର ବାର୍ତ୍ତଚଢ଼େଇ କଥା ମନେପକେଇ ହସିଦେଲେ ଅରୁ, ତ ସଞ୍ଜୁ ତାଙ୍କୁ ହଲାଇଦେଇ ପଚାରୁଥିଲା, 'କ'ଣ ହେଲା ମାଆ?' 'ନାହିଁ ନାହିଁ, ସେ କିଛି ନୁହେଁ,' କହିଥିଲେ ଅରୁ। 'ତୁମେ କିନ୍ତୁ ଏଥର ଶୀତଦିନେ ମୋ ସହ ଚିଲିକା ଯିବାକୁ ମନା କରିବନି ସଞ୍ଜୁ। ପକ୍ଷୀ, ମଣିଷ ଓ ଚିଲିକା ପରସ୍ପରକୁ କିପରି ଜାବୁଡ଼ି ଧରିଛନ୍ତି ମାଆ କାଳଜାଇଙ୍କ କୃପାକରୁଣାରୁ ଦେଖିବା କଥା।' 'ହଁ ମାଆ ଯିବି, ଯେ ଦୁଇଟି କଥା—ତୁମେ ପୁଅଝିଅଙ୍କୁ ମନେପକେଇ ଆଉ କାନ୍ଦିବନି। ଦ୍ୱିତୀୟ କଥା ମୋର ଗୋଟେ ଦିନ ଛୁଟି ମଞ୍ଜୁର କରିବ।' ହସୁଥିଲେ ଅରୁ ଓ ସ୍ୱାମୀ ଅନିରୁଦ୍ଧ।

ଓଃ, ସ୍ୱର୍ଗଲୋକରେ ଏବେ କି ଭିଡ଼ ସତରେ! ସ୍ୱର୍ଗରେ ଏବେ ପଚାଶ କୋଟି ଲୋକଙ୍କ ଅସମ୍ଭାଳ ଭିଡ଼। ସମସ୍ତେ ମହାକୁମ୍ଭରେ ସ୍ନାନ କରି ସ୍ୱର୍ଗରେ ସ୍ଥାନ ସଂରକ୍ଷଣ ପାଇଁ ବିବେଚିତ ହୋଇଛନ୍ତି। କାହାର ରୁମାଲ, କାହାର ଝୁଲା, କାହାର ଟୋପି ଇତ୍ୟାଦିରେ ସବୁ ଜାଗା ଭର୍ତ୍ତି। ଆମର ତ ପୁରୁଣା ଅଭ୍ୟାସ-ଜାଗାଟିଏ ନିଜ ପାଇଁ ଯେମିତି ହେଲେ ବି ହାତେଇବା। ଚିତ୍ରଗୁପ୍ତଙ୍କ ଭାଳେଣି ପଡ଼ିଛି, କେମିତି ସମ୍ଭାଳିବେ ଏତେ ଧର୍ମାତ୍ମାଙ୍କୁ! ଯେବେବି ଆସିବେ, ଜାଗା ରହିଥିବା ଅବଶ୍ୟ ଦରକାର, ନହେଲେ ଆମ ଲୋକେ ତ ଆନ୍ଦୋଳନ ନିଶ୍ଚୟ କରି ବସିବେ। ଭାଳେଣି ପଡ଼ିଛି ଏବେ ସ୍ୱର୍ଗଲୋକରେ। ସେମାନେ ଅଳ୍ପ ସଂଖ୍ୟକ ଦେବତାମାନେ, ଅପ୍ସରାମାନଙ୍କ ନାଚଗୀତ ଦେଖି ମନୋରଞ୍ଜନ କରୁଥିଲେ, ତାଙ୍କର ଆଉ କିଛି ଲୋଡ଼ା ନଥିଲା। ହେଲେ ଏମାନଙ୍କ ପାଇଁ ତ ସେତିକିରେ ଚଳିବନି। ପ୍ରଥମେ ଏମାନେ ଖୋଜିବେ ମାୟାଜାଲ (ଇଣ୍ଟରନେଟ୍)। ସେଇଟା ନହେଲେ ମର୍ତ୍ତ୍ୟର ସାଧୁସନ୍ଥଙ୍କ ବି ଚଳେନା। କେମିତି ବନ୍ଦୋବସ୍ତ ହେବ, ଇନ୍ଦ୍ରଦେବଙ୍କୁ ଚିନ୍ତା ଘାରିଲାଣି। କାହାକୁ ନିଯୁକ୍ତ କରିବେ, ସେହି ଚିନ୍ତାରେ ସୋମରସ ବି ଆଉ ସୁଆଦ ଲାଗୁନି। ହଁ, ତା'ପରେ ଏହି ସୋମରସ କଥା- ଏତେ ଧର୍ମାତ୍ମାଙ୍କୁ ସୋମରସ କେମିତି ଯୋଗାଇବେ, ସେ କଥା ଭାବିଭାବି ଅନିଦ୍ରାରେ ରାତି କଟୁଛି। ଭଲା, ମହାକୁମ୍ଭ ହେଲା ଯେ, ସମସ୍ତେ ଧୋଇଧାଇ କରି ସଫା ହୋଇଗଲେ। ମାଆ ଗଙ୍ଗା ବି ତ୍ରାହି ତ୍ରାହି ଡାକିଲେଣି, ଦୁଃଖରେ ବସି କହୁଛନ୍ତି, 'କେତେ ଆଉ ସଫା କରିବି!' ହେଲେ ଲୋକେ କେଉଁ ମାନୁଛନ୍ତି, ସମସ୍ତଙ୍କର ସ୍ୱର୍ଗରେ ସଂରକ୍ଷଣ ଦରକାର। ବାପରେ, କି ଭିଡ଼! ମହାକୁମ୍ଭ ଯେପରି ଆରପାରି ଦୁନିଆକୁ ରାସ୍ତା ସୃଷ୍ଟି କରିଥିଲା।

ଇନ୍ଦ୍ରଙ୍କ ସହ ସମସ୍ତେ ବିଚଳିତ ହୋଇପଡୁଥିଲାବେଳେ ନାରଦମୁନି ପ୍ରଥମେ ଶିବଶଙ୍କରଙ୍କୁ ମନେପକେଇଦେଲେ- ପ୍ରଭୁ, ପୃଥିବୀରେ ଠାକୁ ଠା' ଶିବମନ୍ଦିରଗୁଡ଼ିକ ସାଜସଜ୍ଜାରେ ପରିପୂର୍ଣ୍ଣ ହୋଇ, ଦେବାଳୟ ନିକଟ ପୋଖରୀମାନଙ୍କରୁ ପଙ୍କଉଝଳା ସରିଲାଣି, ଆଉ ଗୋଟିଏ ଦିନ ପରେ ମହାଶିବରାତ୍ରୀ, ଆପଣ ଚଞ୍ଚଳ ଚାଲନ୍ତୁ। ବାଟରେ ଶିବଶଙ୍କର ନିଜେ ଓହ୍ଲାଇପଡ଼ିଲେ ମହାକୁମ୍ଭମେଳା ପ୍ରୟାଗରାଜରେ। ସେଠି ସାଧୁସନ୍ଥ ସନ୍ନ୍ୟାସୀମାନଙ୍କର ଆଚରଣ ଓ ଉଚ୍ଚାରଣ ଦେଖି ବ୍ୟସ୍ତ ହୋଇପଡ଼ିଲେ। କନ୍ୟାମାନଙ୍କର ବିଶୃଙ୍ଖଳିତ ଆଚରଣ ଓ ଯୁବପିଢ଼ିଙ୍କର ଉତ୍ସଙ୍ଗଳତା ତଥା ବୃଦ୍ଧବୃଦ୍ଧାମାନଙ୍କର ଭକ୍ତିବ୍ୟତିରେକେ ଆନନ୍ଦମନେଇବା ଭଳି କାର୍ଯ୍ୟକ୍ରମ ଦେଖି ଶିବ ସ୍ତମ୍ଭୀଭୂତ ହେବା ସହ ଜାଣିପାରିଲେ ଯେ ଏମାନଙ୍କ ଏପରି କାର୍ଯ୍ୟାବଳୀ ଯୋଗୁଁ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଓ ବ୍ୟତ୍ପାତଜନିତ ମୃତ୍ୟୁ ଘଟି ସ୍ୱର୍ଗରେ ଭିଡ଼। ତେଣୁ ଜାଗର ହିଁ ଏକ ପ୍ରକୃଷ୍ଟ ଦିନ ଏମାନଙ୍କୁ ଭକ୍ତିଦ୍ୱାରା କବଳିତ କରି ଆଉ କିଛି ଦିନ ପୃଥିବୀପୃଷ୍ଠରେ ବଞ୍ଚେଇବାକୁ ପଡ଼ିବ। ତେବେ ସ୍ୱର୍ଗରେ ଭିଡ଼ ପରିବର୍ତ୍ତେ ଯିଏ ଯେତେବେଳେ ଯିବା କଥା ତାଙ୍କୁ ଚିତ୍ରଗୁପ୍ତଙ୍କ ପାଞ୍ଜି ଗଣନା ଅନୁଯାୟୀ ଯିବାକୁ ପଡ଼ିବ, ଫଳରେ ଭିଡ଼ କମିଯିବ ସ୍ୱର୍ଗରେ। ଆଉ ଯିଏ ପ୍ରକୃତ ଭକ୍ତି ରଖି କୁମ୍ଭମେଳାକୁ ଯାଇଥିବ, ତାର ଆୟୁଷ ଆଶିଷ ବଢ଼ି ଓ ନିରୋଗ ରହି ଆଉ କିଛି ଦିନ ପୃଥିବୀପୃଷ୍ଠରେ ତିଷ୍ଠି ରହିଲେ ସ୍ୱର୍ଗରେ ଭିଡ଼ ହେବନାହିଁ। ଶିବ ଏତେସବୁ ବୁଝି ମର୍ତ୍ତ୍ୟର ଶିବାଳୟମାନଙ୍କରେ ନିଜକୁ କୋଉଠି ଆଶୁତୋଷ, ମହାଦେବ, ଶିବ, ଶଙ୍କର, ଭୋଳାନାଥ ଇତ୍ୟାଦି ବିଭିନ୍ନ ନାମରେ ଉପସ୍ଥାପନ କରୁକରୁ ନାରଦଙ୍କ ମନୋବାଞ୍ଛା ପୂର୍ଣ୍ଣ ହୋଇ ସେ କହୁଥିଲେ- ନାରାୟଣ ନାରାୟଣ। ଏତିକିବେଳେ ମର୍ତ୍ତ୍ୟର ଦୁଇ ପ୍ରେମପକ୍ଷୀ ଅରୁ ଓ ଅନିରୁଦ୍ଧଙ୍କ ଉପରେ ନଜର ପଡ଼ିବାରୁ ନାରଦ ସେଦୁହିଁଙ୍କୁ ଆଶୀର୍ବାଦ ଦେବାକୁ ଯାଇ କହୁଥିଲେ- ପକ୍ଷୀପ୍ରେମୀ ତଥା ଜୀବେ ଦୟା ଏହି ଦମ୍ପତିଙ୍କୁ ଆୟୁଷ, ଆଶିଷ, ନିରୋଗ ରଖନ୍ତୁ ନାରାୟଣ, ଏ ଭିଡ଼ରୁ ଦୂରେଇ ଥାଆନ୍ତୁ ଏ ଦୁହେଁ।

ଅରୁଙ୍କ ନିଦ ଭାଙ୍ଗିଯାଇଥିଲା ସେତେବେଳକୁ ତ ମନେପଡ଼ିଗଲା- ଆଜି ଛାତଉପରେ ପକ୍ଷୀମାନଙ୍କ ପାଇଁ ଖୁଦ ଓ ପାଣି ରଖିବାକୁ ତାଙ୍କୁ ଏବେ ଛାତକୁ ଯିବାକୁ ପଡ଼ିବ। ସ୍ୱାମୀ ଡାକଛାଡ଼ିଥିଲେ, 'ଅରୁ, ଦେଖ ଦେଖ, ତୁମ କବିତା 'ନାରୀ' ଆଜି ବିଶ୍ୱ କବିତା ଦିବସରେ ପ୍ରଥମ ପୁରସ୍କାର ପାଇଛି। ତୁମକୁ ଗୀତଗୋବିନ୍ଦ ସଦନ ଯିବାକୁ ହେବ।' ଅରୁ ଭାବୁଥିଲେ—ଏହା ଈଶ୍ୱରଙ୍କ କୃପା ନା ସମସ୍ତେ ଶୋଇଯିବା ପରେ ପେଚାର ବୋବାଳି ଭିତରେ ଲେଖିଥିବା କବିତାର ଭାଗ୍ୟ, କେଜାଣି! 'ପକ୍ଷୀ ଦେଖୁଦେଖୁ ସ୍ଥାଣୁ ପାଲଟିଗଲ ନା କଣ! ଶୀଘ୍ର ପ୍ରସ୍ତୁତ ହୁଅ ଯିବାକୁ।' ତ ଅରୁ ନାରଦ ମହାମୁନିଙ୍କୁ ପ୍ରଣାମ କରୁଥିଲେ, କାରଣ ଏହି ଏଡିଟର୍ ବା ସମ୍ପାଦକ ତଥା ସାମ୍ବାଦିକ ଭାଇମାନେ ହିଁ ତ ଆଜିର ଚଳନ୍ତି ନାରଦ ମହାମୁନି ବୋଲି ତାଙ୍କୁ ପ୍ରତୀୟମାନ ହୁଏ। ତେଣେ ଅନିରୁଦ୍ଧ ଡାକ ଛାଡ଼ିଥିଲେ।

**ସୁନନ୍ଦା ମହାନ୍ତି**
ସାକ୍ଷୀଗୋପାଳ, ପୁରୀ
ମୋବାଇଲ୍: ୯୦୪୦୯୭୭୩୨୭

## ସମ୍ପର୍କ

ଆମ ସମ୍ପର୍କରେ ନା ଥିଲା
କିଛି ପ୍ରାପ୍ତି ଓ ଅପ୍ରାପ୍ତିର ପ୍ରତ୍ୟାଶା
ନା ଥିଲା କୌଣସି
ଅମୂଳକ ସର୍ତ୍ତ।
କେବଳ ଖୁସିରେ ବଞ୍ଚିବା ଲାଗି
ବଳକା ଜୀବନ
ଥିଲା ଖାଲି
ନିର୍ମଳ ଭାବନାର ଅର୍ପଣ
ହୃଦୟର ଶ୍ରଦ୍ଧା ସୁମନ
ବିଶ୍ୱାସର ସୁଦୃଢ଼ ବନ୍ଧନ
ପ୍ରୀତିଭରା କୁହୁତାନ।
ତୁମେ ଦିନେ
ଆଞ୍ଜୁଳାଏ ଆକାଶ ମାଗିଲ
ମୁଁ ବଢ଼ାଇଦେଲି ଦୁଇ ହାତ
ମୋତେ ତୁମେ ଫଗୁଣର ରଙ୍ଗରେ
ଭିଜାଇବାକୁ ଚାହିଁଲ
ମୁଁ ମେଲିଦେଲି ସମଗ୍ର ପଣତ
ମୋତେ ତୁମେ ନିଃଶ୍ୱାସର ସାଥୀ କଲ
ମୁଁ ଛନ୍ଦି ହୋଇଗଲି
ତୁମ ବାହୁ ବନ୍ଧନର ନିବିଡ଼ ଫାଶରେ।
ଆମେ ଦୁହେଁ ବୁଝୁଥିଲେ
ପରସ୍ପର ମନ।
ଆଜି ତୁମେ ରହିଅଛ ବହୁଦୂରେ
ମୁଁ ତୁମ ପ୍ରତୀକ୍ଷାରେ
ଅନୁରାଗ ଭରା ମନେ
ଅନୁଭବେ କରେ ନିତି ତୁମକୁ ମୁଁ
ହୃଦୟର ପ୍ରତିଟି ସ୍ପନ୍ଦନେ।
ସମୟ ଚକ୍ରରେ କେତେ ଉତ୍ଥାନ ପତନ।
ସବୁ କିଛି ତୁମ ବିନା ଲାଗେ ଶୂନ୍ୟ
ଶୂନ୍ୟ।

**ନିବେଦିତା ମହାନ୍ତି**
ଶାନ୍ତୀନଗର, ଭୁବନେଶ୍ୱର

## ତୁମେ ଯେ ପ୍ରକୃତି

ଶୀତ ସକାଳର କୁହୁଡ଼ି ତୁମେ
ଆସି ଦରଭିଜା କର
ଫୁଟୁଲା ଦେହରେ ମୋର
ଖେଳେଇ ଦିଅ ଅପୂର୍ବ ଶିହରଣ
ଲୋମ ସବୁ ଟାଙ୍କୁରି ଉଠେ
ମୁଁ ପାଏ ଶୀତଳତାର ସ୍ପର୍ଶ।
ପୁଣି କେବେ ଆସ
ଶ୍ରାବଣର କରାଳ ରୂପ ନେଇ
ଗର୍ଜି ଉଠ ଘଡ଼ଘଡ଼ି ହେଇ
ଥରେଇ ଦେଇ ଯାଅ ମୋ ଛାତି
ବିଜୁଳିର ଚମକରେ ବଢିଯାଏ ତାତି
ପ୍ରେମର ବାରିଧାରା ଅଜାଡ଼ି ଦେଇ
ଭିଜେଇ ଦେଇଯାଅ
ଆଉ ଖେଳିଯାଏ ଅପୂର୍ବ ଶାନ୍ତି।
କେବେ ପୁଣି ଢାଳ
ନିଦାଘ ଗ୍ରୀଷ୍ମର ନିଷ୍ଠୁର ତାତି
ଶୋଷି ନେଇ ଯାଅ
ଦେହରୁ ନୀର
କଲବଲ କର
ଜଣେଇ ଦେଇଯାଅ
ମୁଁ ବି ତାତିପାରେ
ମୁଁ ବି ମାତିପାରେ।
ତୁମେ ଯେ ପ୍ରକୃତିର ସୃଷ୍ଟି
ପ୍ରକୃତିରୁ ଭିନ୍ନ ହେବ ବା କେମିତି।

**ସଂଗ୍ରାମ କେଶରୀ ଶତପଥୀ**
ସମ୍ବଲପୁର

ଜାତୀୟ ଚେତନା
JATIYA CHETANA



# ଜିମ୍ବାୱେ ବିପକ୍ଷରେ ୧୨୧ ରନ୍‌ରେ ଜିତିଲା ଭାରତୀୟ ମହିଳା ଦଳ



ନୂଆଦିଲ୍ଲୀ,(ଏଜେନ୍ସି): ଗୁଜରାଟର ଭଦୋଦରାରେ ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ମୁକାବିଲାରେ ଭାରତୀୟ ମହିଳା କ୍ରିକେଟ୍ ଟିମ୍ ୧୨୧ ରନ୍‌?ରେ ଦମଦାର ବିଜୟ ହାସଲ କରିଛି। ଭାରତ ଦେଇଥିବା ୩୨୯ ରନ୍‌?ର ବିଜୟ ଲକ୍ଷ୍ୟକୁ ପିଛା କରି ଜିମ୍ବାୱେ ୪୮.୫ ଓଭରରେ ସମସ୍ତ ୱିକେଟ୍? ହରାଇ ୨୦୭ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଜିମ୍ବାୱେ ପାଇଁ ମୋଡେଷ୍ଟର ମୁପାଚିକୱା ସର୍ବାଧିକ ୪୯ ରନ୍? କରିଥିବା ବେଳେ ଚିପୋ ମୁଗେରି ତିରିପାନୋ ୪୬, ବିଲଭଡ ବିଜା ୩୪, ଜୋସେଫିନ ଆନକୋମୋ ୨୦ ଓ ନ୍ୟାସା ଗ୍ୱାନଜୁରା ୨୦ ରନ୍ କରିଥିଲେ। ଭାରତୀୟ ବୋଲରଙ୍କ ଆକ୍ରମଣାତ୍ମକ ବୋଲିଂ ଆଗରେ ଅନ୍ୟ ଖେଳାଳିମାନେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ଭାରତ ପକ୍ଷରୁ ବୈଷ୍ଣବୀ ଶର୍ମା ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ଦୀପ୍ତି ଶର୍ମା ୩ଟି ଏବଂ ଶାୟାଲି ସତଘରେ, ଜିନ୍ତିମଣି କଲିତା ଓ ଶ୍ରୀ ଚରଣୀ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

ଏହାପୂର୍ବରୁ ଅଧିନାୟକ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ଶସ୍ତାରେ ଆଉଟ୍ ହେବା ପରେ ଟିମ୍ ୧୯ ରନ୍‌ରେ ୨ଟି ୱିକେଟ୍ ହରାଇ ସଂକଟଜନକ ପରିସ୍ଥିତିରେ ପଡ଼ିଥିଲା। ଏହି ସମୟରେ ପୂର୍ବତନ ଅଧିନାୟକ ହରମନପ୍ରୀତ କୌର ଏବଂ ଉପଅଧିନାୟକ ଦୀପ୍ତି ଶର୍ମା ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ କରି କ୍ରିଜରେ ସମ୍ଭାଳିଥିଲେ। ହରମନପ୍ରୀତ କୌର ନିଜ କ୍ୟାରିୟରର ୮ମ ଶତକ ହାସଲ କରିବା ସହ ମହିଳା ଦିନିକିଆରେ ଭାରତ ପାଇଁ ଦ୍ୱିତୀୟ ସର୍ବାଧିକ ଶତକ ରେକର୍ଡ ନିଜ ନାମରେ କରିଛନ୍ତି। ସେ ପ୍ରାରମ୍ଭିକ ଝଟକା ପରେ ପ୍ରତିକା ରାୱଲ (୬୧ ରନ୍)ଙ୍କ ସହିତ ୧୨୪ ରନ୍‌ର ଭାଗିଦାରୀ କରିଥିଲେ। ପ୍ରତୀକା ଓ ଜେଲ ହସନଭାସ ଆଉଟ୍ ହେବା ପରେ ହରମନପ୍ରୀତ ପୁଣି ଉପଅଧିନାୟକ ଦୀପ୍ତି ଶର୍ମାଙ୍କ ସହ ଶତକୀୟ ଭାଗିଦାରୀ ଗଢ଼ିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ୍ ହରାଇ ୩୨୮ ରନ୍‌ର ବିଶାଳ ସ୍କୋର ଛିଡ଼ା କରିପାରିଥିଲା।

# ରେକର୍ଡ ବୁକ୍‌ରେ ତିଳକ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତୀୟ ପୁରୁଷ କ୍ରିକେଟ୍ ଟିମରେ ଏବେ ଗୋଟିଏ ଚର୍ଚ୍ଚା, ତାଙ୍କ ବ୍ୟାଟିଂ ଓ ଟିମ୍‌କୁ ଜିତାଇବା ନେଇ ତାଙ୍କ ପ୍ରଦର୍ଶନକୁ ସବୁଠି ପ୍ରଶଂସା କରାଯାଉଛି। ସେ ହେଉଛନ୍ତି ତିଳକ ବର୍ମା। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚରେ ତିଳକ ଅପରାଜିତ ୫୧ ରନ୍ ଇନିଂସ ଖେଳି ନୂଆ ରେକର୍ଡ କରିଛନ୍ତି। ଶେଷରେ ତିଳକ ବର୍ମା ପ୍ରମାଣ କରିଛନ୍ତି କି ତାଙ୍କୁ କାହିଁକି ଭାରତର ନୂତନ ଫିନିସର୍ ଭାବରେ ବିବେଚନା କରାଯାଉଛି। ଦ୍ୱିତୀୟ ଟି-ଟ୍ୱେଣ୍ଟିରେ ତିଳକ ତାଙ୍କ ବ୍ୟାଟିଂରେ ଭାରତକୁ ଏକ ବଡ଼ ବିଜୟ ଭେଟି ଦେଇଛନ୍ତି। ଟି-ଟ୍ୱେଣ୍ଟିରେ ସର୍ବାଧିକ ୫୦ ପ୍ଲସ୍ ସ୍କୋର କରିବାରେ ସେ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ସମକକ୍ଷ ହୋଇଛନ୍ତି। ବର୍ତ୍ତମାନ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଭାରତ ୨-୦ରେ ଆଗୁଆ ଅଛି। ଆସନ୍ତା ୨୭ ତାରିଖରେ ଭାରତ ୱେଲିଂଟନରେ ମ୍ୟାଚ୍ ଖେଳିବ। ତିଳକ ବର୍ମା ଭାରତର ବିଜୟରେ ଏକ ବିଶେଷ ରେକର୍ଡ ସୃଷ୍ଟି କରିଛନ୍ତି। ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ୫୦ ପ୍ଲସ୍ ସ୍କୋର କରି ତିଳକ ଏବେ ଶ୍ରେଷ୍ଠ ୧୦ ବ୍ୟାଟର ତାଲିକାରେ ସ୍ଥାନ ପାଇଛନ୍ତି। ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ ମ୍ୟାଚରେ ସର୍ବାଧିକ ୫୦ ପ୍ଲସ୍ ସ୍କୋର କରିବାରେ ତିଳକ ଭାରତର ଅଷ୍ଟମ ବ୍ୟାଟର ହୋଇଛନ୍ତି। ଏହି ତାଲିକାରେ ପ୍ରଥମ ନମ୍ବରରେ କିଙ୍ଗ କୋହଲି ଅଛନ୍ତି। କୋହଲି ତାଙ୍କ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ୟାରିୟରରେ ୩୯ ଥର ଏହି ସଫଳତା ହାସଲ କରିଛନ୍ତି। ଏଥି ସହିତ ରୋହିତ ଶର୍ମା ଏହି ମାମଲାରେ ୨ ନମ୍ବରରେ ଅଛନ୍ତି। ରୋହିତ ୩୭ ଥର ଏହି ଚମତ୍କାର ପ୍ରଦର୍ଶନ କରିଛନ୍ତି। ତିଳକ ବର୍ମା ତାଙ୍କ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ୟାରିୟରରେ ଏପର୍ଯ୍ୟନ୍ତ ୧୩ ଥର ଏହି ସଫଳତା ହାସଲ କରିଛନ୍ତି। ବଡ଼ କଥା ହେଲା ତିଳକ ୨୬ଟି ରନ୍ ଚେଜ୍‌ରୁ ୨୬ଟି ଜିତିଛନ୍ତି, ଯାହା କିଙ୍ଗ୍ କୋହଲିଙ୍କଠାରୁ ଭଲ।

# ଭୁବନେଶ୍ୱର କୁମାରଙ୍କ ଅପେକ୍ଷାର ଅନ୍ତ, ୧୪୩୨ ଦିନ ପରେ ମିଳିଲା ସଫଳତା

ନୂଆଦିଲ୍ଲୀ,(ଏଜେନ୍ସି): ଟିମ୍ ଇଣ୍ଡିଆରୁ ଦୂରରେ ରହିବା, ପୁଣି କମବ୍ୟାକ କରିବା ଆଉ ୱିକେଟ୍ ହାସଲ କରିବା, ଏହା କୌଣସି ବଡ଼ ସଫଳତାଠୁ କମ୍ ନୁହେଁ। ଆମେ କହୁଛୁ ୪ ବର୍ଷ ପରେ ଟିମ୍ ଇଣ୍ଡିଆକୁ ଫେରିଥିବା ଷ୍ଟାର୍ ଭୁବନେଶ୍ୱର କୁମାରଙ୍କ କଥା। ୧୪୨୫ ଦିନ ପରେ ଟିମ୍ ଇଣ୍ଡିଆକୁ ଫେରିଥିବା ଭେଟେରାନ୍ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କ ଅପେକ୍ଷାର ଅନ୍ତ ହୋଇଛି। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି-ଟ୍ୱେଣ୍ଟିରେ ୱିକେଟ୍ ହାତେଇନଥିବା ଭୁବିଙ୍କୁ ଦ୍ୱିତୀୟ ମ୍ୟାଚରେ ସଫଳତା ମିଳିଛି। ଦୀର୍ଘ ଦିନର ଅପେକ୍ଷାର ଅନ୍ତ ହୋଇଛି। ଭୁବନେଶ୍ୱର କୁମାରଙ୍କ ଶେଷ ୱିକେଟ୍ ମଧ୍ୟ ନ୍ୟୁଜିଲାଣ୍ଡ ମାଟିରେ କିୱି ଦଳ ବିପକ୍ଷରେ ଆସିଥିଲା। କିନ୍ତୁ ଏହା ପରେ ପରବର୍ତ୍ତୀ ୱିକେଟ୍ ପାଇଁ ତାଙ୍କୁ ପ୍ରାୟ ୪ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା।

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶେଷ ଟି-ଟ୍ୱେଣ୍ଟି ମ୍ୟାଚରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ କିନ୍ତୁ ସେହି ମ୍ୟାଚରେ ବୋଲିଂ କରିବାର ସୁଯୋଗ ପାଇନଥିଲେ। ଏହାପରେ ଖ୍ରୀଷ୍ଟଚର୍ଚ୍ଚରେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚରେ ବୋଲିଂ କରିଥିଲେ କିନ୍ତୁ ଭୁବି ବିଫଳ ହୋଇଥିଲେ। ସେ ଖାଲି ହାତରେ ଫେରିଥିଲେ। ଖ୍ରୀଷ୍ଟଚର୍ଚ୍ଚରେ ଚାଲିଥିବା ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚରେ ଭୁବନେଶ୍ୱର ଶେଷରେ ୱିକେଟ୍ ପାଇଛନ୍ତି। ସେ ତାଙ୍କର ଦ୍ୱିତୀୟ ଓଭରରେ ଡାରିଲ୍ ମିଚେଲଙ୍କୁ କ୍ୟାଚ୍ ଆଉଟ୍ କରିଥିଲେ। ଏହିପରି ୧୪୨୫ ଦିନ ପରେ କମବ୍ୟାକ୍ କରିଥିବା ଭୁବି ୧୪୩୨ ଦିନ ପରେ ଅନ୍ତର୍ଜାତୀୟ କ୍ରିକେଟରେ ଏକ ୱିକେଟ୍ ନେଇଥିଲେ। ତାଙ୍କର ଶେଷ ୱିକେଟ୍ ୨୨ ନଭେମ୍ବର ୨୦୨୨ରେ ନ୍ୟୁଜିଲାଣ୍ଡର କିୱି ଦଳ ବିପକ୍ଷ ଟି-ଟ୍ୱେଣ୍ଟି ମ୍ୟାଚରେ ଆସିଥିଲା।

ଦ୍ୱିତୀୟ ଟି-ଟ୍ୱେଣ୍ଟି ମୁକାବିଲା କଥା କହିବାକୁ ଗଲେ, ଭାରତ ୪ ୱିକେଟ୍ରେ ରୋମାଞ୍ଚକର ବିଜୟ ହାସଲ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫ ୱିକେଟ୍ ବିନିମୟରେ ୧୮୦ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୧୯.୫ ଓଭରରେ ୬ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା। ୨ଟି କ୍ୟାଚ ନେବା ସହ ମ୍ୟାଚ ବିଜୟୀ ଅର୍ଦ୍ଧଶତକ ଅର୍ଜନ କରିଥିବା ତିଳକ ବର୍ମା ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ବିଜୟ ସହ ଭାରତ ଦୁଇ ଶୂନରେ ସିରିଜରେ ଅଗ୍ରଣୀ ହାସଲ କରିଛି। ୧୮୧ ରନ ବିଜୟ ଲକ୍ଷ୍ୟର ପିଛା କରୁଥିବା ଭାରତ ୧୫ ଓଭର ଖେଳ ଶେଷ ସୁଦ୍ଧା ୬ ୱିକେଟ୍ ହରାଇ ୧୧୩ ରନ ସଂଗ୍ରହ କରିଥିଲା। ଶେଷ ୫ ଓଭରରେ ବିଜୟ ପାଇଁ ଆବଶ୍ୟକ ହେଉଥିଲା ୬୮ ରନ। ଏହି ସମୟ ବେଳକୁ ତିଳକ ୧୦ ଓ ନୀତିଶ କୁମାର ରେଡ୍ଡୀ ୧ ରନ କରି ଅପରାଜିତ ରହିଥିଲେ। ୧୬ତମ ଓଭରରେ ନୀତିଶ ୧୩ ରନ ସଂଗ୍ରହ କରିଥିଲେ। ୧୭ତମ ଓଭରରେ ଲୋକି ଫର୍ଗୁସନ ମାତ୍ର ୯ ରନ ପ୍ରଦାନ କରିଥିଲେ।

ଶେଷ ୩ ଓଭରରେ ବିଜୟ ପାଇଁ ଆଉ ୪୬ ରନ ବାକି ଥିଲା। ଏହାପରେ ଆରମ୍ଭ ହୋଇଥିଲା ଭାରତର ଅବିଶ୍ୱସନୀୟ ପ୍ରତ୍ୟାବର୍ତ୍ତନ। ୧୮ତମ ଓଭରରେ ଉଭୟ ୧୭ ରନ ସଂଗ୍ରହ କରିଥିଲେ। ୧୯ତମ ଓଭରରେ ସଂଗୃହୀତ ହୋଇଥିଲା ୧୮ ରନ। ନ୍ୟୁଜିଲାଣ୍ଡ ହାତରୁ ମ୍ୟାଚ ଖସି ଭାରତ ନିୟନ୍ତ୍ରଣକୁ ଆସିଥିଲା। ଶେଷ ଓଭରରେ ୧୧ ରନ ଆବଶ୍ୟକ ହେଉଥିଲା। ପ୍ରଥମ ୪ଟି ବଲ୍‌ରେ ୮ ରନ ସଂଗ୍ରହ ହେବା ସହ ତିଳକ ଅର୍ଦ୍ଧଶତକ ପୂରଣ କରିଥିଲେ। ପଞ୍ଚମ ବଲରେ ନୀତିଶ ଦ୍ରୁତ ଦୁଇ ରନ୍ ନେଇଥିଲେ ଓ ଭାରତ ଏକ ନିଶ୍ଚିତ ପରାଜୟରୁ ବାହାରି ବିଜୟ ହାସଲ କରିଥିଲା।

## ନିର୍ବାଚନେ କି ଲାଭ ଅଛି ?



ବିକାଶ ନାମେ ବିନାଶ ହେଉଛି
ନିର୍ବାଚନେ କି ଲାଭ ଅଛି ?(ଘୋଷା )
ଭିନ୍ନ ମତ ବହୁ ଦଳ ଡିଆଁ ଡିଙ୍ଗଁ
ବିଭାଜନେ ଗଣ୍ଡଗୋଳ ସ୍ୱାର୍ଥ ପାଇଁ
ନିର୍ବାଚନୀ ହିଂସା ହତ୍ୟା ଅପରାଧ
ଅର୍ଥଭାର ଋଣ ବଢ଼ି ଚାଲିଛି
ନିର୍ବାଚନେ.... ଅଛି....(ଘୋଷା)
ଅର୍ଥ ମଦ ତୋଷାମୋଦ ଚାରିଆଡ଼େ
କ୍ଷମତା ମୋହରେ
ଅନ୍ଧନୀତି ଲୋଡ଼େ
ମୂରୁଖ ଭୋଟରେ ମୂର୍ଖ ସରକାର
ବାରମ୍ବାର ନିର୍ବାଚନେ ଜିତୁଛି
ନିର୍ବାଚନେ... ଅଛି... (ଘୋଷା)
କରେ ଅକର୍ମଣ୍ୟ ମାଗଣା ବଣ୍ଟନ
ବଢ଼ାଏ ଦୁର୍ନୀତି ଆଣେ ପ୍ରୋତ୍ସାହନ
ଭକୁଆ ଭୋଟର ବୁଦ୍ଧି ଭ୍ରଂଶ ତା'ର
ଗଣତନ୍ତ୍ର ଦଳତନ୍ତ୍ର ସାଜିଛି
ନିର୍ବାଚନେ... ଅଛି... (ଘୋଷା)
ସବୁଠାରେ ନାଟ ରାଜନୀତି ମେଣ୍ଟ
କୂଟନୀତି ହୀନମତି ଅଟେ ଖଣ୍ଟ
ସରକାରୀ କଳେ ଗୁଣ୍ଡାରାଜ ଚାଲେ
ନିରୀହ ଜନତା ନିତି ମରୁଛି
ନିର୍ବାଚନେ... ଅଛି... (ଘୋଷା)
ବିନା ପରୀକ୍ଷାରେ ବିନା ଯୋଗ୍ୟତାରେ
ଅବସର ସୀମା ନାହିଁ ଯେଣୁ ଭଲେ
ମାଗଣା ବିମାନ, ସ୍ୱାସ୍ଥ୍ୟ ଓ ସୁରକ୍ଷା
ମରିବା ପର୍ଯ୍ୟନ୍ତ ଭତ୍ତା ମିଳୁଛି
ନିର୍ବାଚନେ କି... ଅଛି... (ଘୋଷା )
ବିକାଶର ସଂଜ୍ଞା କେହି ନ ଜାଣନ୍ତି
ନାନା ପ୍ରଲୋଭନେ ଭୋଟ ନିଅନ୍ତି
ଈଶ୍ୱରଙ୍କ ରାଣେ ମାଗନ୍ତି ଭୋଟ
ଅଧା ବିଜ୍ଞାପନେ ଖର୍ଚ୍ଚ ହେଉଛି
ନିର୍ବାଚନେ... ଅଛି... (ଘୋଷା)
ପ୍ରଚାର ସର୍ବସ୍ୱ ଘୋର କଳିକାଳେ
ଜଳବାୟୁ ତାପ ନାହିଁ ଇସ୍ତାହାରେ
ନିର୍ବାଚନେ ବ୍ୟୟ ଏକଲକ୍ଷ କୋଟି
ବାଉନକୋଟି ଗୁଗୁଲ ପାଇଛି
ନିର୍ବାଚନେ.... ଅଛି... (ଘୋଷା )
ନିର୍ବାଚନ ପର୍ବ ଦେଶର ଗରବ
ଅବାଧ ସ୍ୱଚ୍ଛ ନିରପେକ୍ଷ ଭାବ
ନୀତିନିୟମ ହୋଇଅଛି ଲେଖା
ନୁହଇଁ କାର୍ଯ୍ୟରେ ଦିଶା ହାରିଛି
ନିର୍ବାଚନେ.... ଅଛି.... (ଘୋଷା)
ନିର୍ବାଚନ ବଣ୍ଡ ଅସାମ୍ବିଧାନିକ
ସବୁଜାଣି ନ୍ୟାୟାଳୟ ଅଟେ ମୂକ
ଲାଞ୍ଚ ନେଇ ଯନ୍ତ୍ରୀ ହୁଅନ୍ତି ଗିରଫ
ମନ୍ତ୍ରୀ ବେକେ ଫୁଲମାଳ ପଡୁଛି
ନିର୍ବାଚନେ... ଅଛି... (ଘୋଷା)
ଜୀବାଶ୍ମ ଇନ୍ଧନ ହୋଇଛି କାରଣ
ବଢ଼େ ବିଶ୍ୱତାପ ବଢେ ପ୍ରଦୂଷଣ
ନାହିଁଟି ଲଗାମ ବିଶ୍ୱ ନେତୃଗଣେ
ପରମାଣୁ ଯୁଦ୍ଧେ ମନ ବଳିଛି
ନିର୍ବାଚନେ... ଅଛି... (ଘୋଷା)
ଲୋଡ଼ାନାହିଁ ଆମ ଜନପ୍ରତିନିଧି
ଲୋଡ଼ାହେଉ ବିଶ୍ୱ ନାଗରିକ ବିଧି
ଜନାଦେଶ ନୁହେଁ ପ୍ରଜ୍ଞାଦେଶ ଲୋଡ଼ା
ଅନ୍ୟାୟ ଅନୀତି ସୀମା ଟପିଛି
ନିର୍ବାଚନେ... ଅଛି.... (ଘୋଷା )
ତ୍ରୁଟି ସମ୍ବିଧାନ ହେଉ ସଂଶୋଧନ
ନିର୍ବାଚନ ବନ୍ଦ ହେଉ ସବୁଦିନ
ହଟୁ ଗଣତନ୍ତ୍ର ରହୁ ପ୍ରଜ୍ଞାତନ୍ତ୍ର
ବିଶ୍ୱ ପରିବାର ମୁହିଁ ମଣୁଛି
ନିର୍ବାଚନେ କି ଲାଭ ଅଛି ?
ବିକାଶ ନାମେ ବିନାଶ ହେଉଛି
ନିର୍ବାଚନେ କି ଲାଭ ଅଛି ?

**ପ୍ରମୋଦ କୁମାର ନନ୍ଦ**
ବଡ଼ପାରି, ଖୋର୍ଦ୍ଧା
ମୋ: ୮୫୯୬୮ ୨୩୬୬୪

## ବିଜନ ବେଳାର ବିଳାପ

ସେବାନିବୃତ୍ତ ଅହଂକାରୀ ଯନ୍ତ୍ରୀ ସମରେଶ ଏବେ ଖୁବ୍ ଅବସନ୍ନ ଜଣାପଡୁଛନ୍ତି। ଏକ ଘରୋଇ ଡାକ୍ତରଖାନାରେ 'ହୃଦୟ' ସମସ୍ୟାକୁ ନେଇ ଚିକିତ୍ସିତ ହେବା ପରେ ଏବେ ପୁଲାଏ ଔଷଧ ଆଣି ଘରକୁ ଫେରିଛନ୍ତି। ଅବସ୍ଥା ଭାରି ଜଟିଳ। ସେ ଏବେ ଚଳତ୍ ଶକ୍ତିହୀନ। ମାମୁଲି କଥାବାର୍ତ୍ତା ହେବାକୁ ମଧ୍ୟ କୁଳେଇପାରୁନାହାଁନ୍ତି ସାହସ। ଖଇଙ୍ଗା ମାଛ, ବାଗଦା ଚିଙ୍ଗୁଡ଼ି ଝୋଳ ନହେଲେ ଯାହାଙ୍କର ପାଟିକୁ ଭାତ ରୁଚୁନଥିଲା, ସେ ଏବେ ଖାଉଛନ୍ତି ତିନିପଟ ପୋଡ଼ାରୁଟି ଆଉ ସବୁଜ ପନିପରିବା ଶିଝା ମେଆଏ। ଯିଏ ଲାଞ୍ଜ ସ୍ୱରୂପ ପାଇଥିବା ପୁଡ଼ିଆ ପୁଡ଼ି ଆ ମିଠା ନିର୍ବିଚାରରେ ଉଦରସ୍ଥ କରୁଥିଲେ, ଯାହାଙ୍କର ଟେବୁଲ ପାଖକୁ ଦିନକୁ ଅତିକମ୍‌ରେ କୋଡ଼ିଏ କପ୍ ଚାହା ଆସୁଥିଲା, ସିଗାରେଟ୍ ଧୂମକୁଣ୍ଡଳୀ ଯାହାଙ୍କର ଘରକୁ ଆଚ୍ଛନ୍ନ କରିରଖୁଥିଲା, ସେ ଏବେ ଏସବୁଠାରୁ ବହୁତ ଦୂରରେ। ଉତ୍କଟ ମଧୁମେହ ରୋଗୀ



ସେ। ଏସବୁଥିଲାଗି ତାଙ୍କୁ କଡ଼ାକଡ଼ି ଭାବେ କରାଯାଇଛି ବାରଣ। ସବୁଠାରୁ ଉଲ୍ଲେଖନୀୟ କଥା ହେଲା, ଯିଏ ଆଜୁଠି ଦେଖେଇଦେଲେ ଲୋକେ ବାହା ଗିଲିଦେବାକୁ ହେଉଥିଲେ ପ୍ରସ୍ତୁତ, ସାଧାରଣ ଲୋକଙ୍କୁ ଯିଏ ମଣୁଥିଲେ ପୋକମାଛିଠୁ ହୀନ, ସେ ଏବେ ନିର୍ଜନ ଦ୍ୱୀପର ନିର୍ବାସିତ ନାୟକଟେ ଭଳି ନିର୍ଯାତିତ ହେଉଛନ୍ତି ନିରନ୍ତର। ଏହା ମହାକାଳର କ୍ରୂର ଅଟ୍ଟହାସ୍ୟ ନୁହେଁ ତ ଆଉ କ'ଣ ? ସମରେଶ ଏବେ ଅଣ୍ଡାଳୁଛନ୍ତି ତାଙ୍କର ଐଶ୍ୱର୍ଯ୍ୟମୟ ଅତୀତ। ସେ କେବଳ ତକେଇଛନ୍ତି ସେହିଦିନକୁ, ଯେବେ ଲୋଟଣୀପାରା ଛାଡ଼ିବ ଓଲଟ ବୃକ୍ଷ, ଯେବେ ସରିବ ତାଙ୍କ ଜୀବନର ଚନ୍ଦନଯାତ।


***ଗୋପୀନାଥ ଦାଶ***
*ବ୍ରାହ୍ମଣକୁଡ଼ିହ, ଆଙ୍କୁଳାଚଟି, ଖୋର୍ଦ୍ଧା*
*ମୋ: ୮୦୧୮୮୮୧୪୧୧*

ଜାତୀୟ ଚେତନା
JATIYA CHETANA



## ସଫଳତା ସାଉଁଟୁଛନ୍ତି ବେଙ୍ଗାଲୁରୁ ଗର୍ଲ

# ରୁକ୍ମିଣୀ ବସନ୍ତ



ଦକ୍ଷିଣ ଭାରତୀୟ ସିନେମା ଜଗତରେ ଏବେ ଯିଏ ନିଜର ଯାଦୁ ଦେଖାଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି, ସେ ହେଉଛନ୍ତି ପ୍ରତିଭାବାନ ଅଭିନେତ୍ରୀ ରୁକ୍ମିଣୀ ବସନ୍ତ। ନିଜର ଅସାଧାରଣ ଅଭିନୟ କୌଶଳ ଏବଂ ସୌନ୍ଦର୍ଯ୍ୟ ବଳରେ ସେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରେ ହିନ୍ଦୀ ସିନେମାରେ ଅଭିନୟ କରିଥିଲେ ହେଁ, କିଛି କାରଣରୁ ସେ ବଲିଉଡ୍ ?ରୁ ମୁହଁ ଫେରାଇ ନେଇଥିଲେ। ମାତ୍ର ଏହାପରେ ସେ କନ୍ନଡ଼ ସିନେମା ଜଗତ ଆଡ଼କୁ ମୁହାଁଇଥିଲେ ଏବଂ ଗୋଟିଏ ପରେ ଗୋଟିଏ ସଫଳ ତଥା ଚର୍ଚ୍ଚିତ ଚଳଚ୍ଚିତ୍ର ଦେଇ ନିଜର ସ୍ଥିତିକୁ ସୁଦୃଢ଼ କରିଛନ୍ତି।

ବେଙ୍ଗାଲୁରୁର ଏହି କନ୍ୟା ଜଣକ ନିଜର ଦୃଢ଼ ପରିଶ୍ରମ ଏବଂ ଅଭିନୟ ଦକ୍ଷତା ବଳରେ ଆଜି ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ଲଣ୍ଡନସ୍ଥିତ ବିଶ୍ୱପ୍ରସିଦ୍ଧ ରୟାଲ ଏକାଡେମି ଅଫ୍ ଡ୍ରାମାଟିକ୍ ଆର୍ଟସ୍ ?ରୁ ଅଭିନୟ ଉପରେ ପକ୍କା ତାଲିମ ନେଇଥିବା ରୁକ୍ମିଣୀଙ୍କ ଅଭିନୟରେ ଏକ ନିଖୁଣତା ଦେଖିବାକୁ ମିଳେ। ୨୦୧୯ ମସିହାରେ ଉଦୟ ସିଂ ପାୱାରଙ୍କ ନିର୍ଦ୍ଦେଶିତ ଏକ ହିନ୍ଦୀ ଛବି ଜରିଆରେ ସେ ନିଜର ଅଭିନୟ ଯାତ୍ରା ଆରମ୍ଭ କରିଥିଲେ ମଧ୍ୟ ପ୍ରକୃତ ସଫଳତା ସେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରୁ ପାଇଛନ୍ତି।

ବିଗତ କିଛି ବର୍ଷ ଭାଗ୍ୟ ତାଙ୍କ ପାଇଁ ବେଶ୍ ଅନୁକୂଳ ରହିଛି। ଅଭିନେତ୍ରୀଙ୍କ ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ତାଙ୍କୁ ଗୋଟିଏ ପରେ ଗୋଟିଏ ବଡ଼ ପ୍ରୋଜେକ୍ଟ ମିଳୁଛି। ଚଳିତ ବର୍ଷ ଅତ୍ୟନ୍ତ ଚର୍ଚ୍ଚିତ ଛବି 'କାନ୍ତାରା: ଚାପ୍ଟର ୧'ରେ ନିଜର ଦମଦାର ଅଭିନୟର ଯାଦୁ ଦେଖାଇ ସେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପ୍ରତିଷ୍ଠିତ ସାଉଥ୍ ଇଣ୍ଡିଆନ୍ ଇଣ୍ଟରନ୍ୟାସନାଲ୍ ମୁଭି ଆୱାର୍ଡସ୍ ହାସଲ କରିଛନ୍ତି। ସେହିପରି ୨୦୨୫ ମସିହାରେ ମୁକ୍ତିଲାଭ କରିଥିବା ଜନପ୍ରିୟ ଚଳଚ୍ଚିତ୍ର 'ବାଘିରା'ରେ ଅଭିନୟ ପାଇଁ ସେ ପ୍ରତିଷ୍ଠିତ ଫିଲ୍ମଫେୟାର ଆୱାର୍ଡସ୍ର ଶ୍ରେଷ୍ଠ ଅଭିନେତ୍ରୀ ମନୋନୟନ ଦୌଡ଼ରେ ମଧ୍ୟ ସାମିଲ ଥିଲେ, ଯାହା ତାଙ୍କର ବଢ଼ିବା କ୍ୟାରିୟରର ଏକ ବଡ଼ ସଫଳତା।

କେବଳ ସେତିକି ନୁହେଁ, ଆଗାମୀ ଦିନରେ ତାଙ୍କର ଲୋକପ୍ରିୟତା ଆହୁରି ବଢ଼ିବାରେ ଲାଗିଛି। ୨୦୨୬ ମସିହାର ସବୁଠାରୁ ଚର୍ଚ୍ଚିତ ଏବଂ ପ୍ରତୀକ୍ଷିତ ଛବି 'ଟକ୍ସିକ୍'ରେ ସେ ଦକ୍ଷିଣ ଭାରତୀୟ ସିନେମାର ପ୍ରସିଦ୍ଧ ଅଭିନେତା ୟଶ୍ଙ୍କ ବିପକ୍ଷରେ ପ୍ରମୁଖ ଭୂମିକାରେ ନଜର ଆସି ପୂରା ଦେଶର ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି। ଏହି ଫିଲ୍ମ ପରେ ତାଙ୍କ କ୍ୟାରିୟର ଏକ ନୂତନ ମୋଡ଼ ନେଇଛି।

ବର୍ତ୍ତମାନ ତାଙ୍କୁ ନେଇ ଆଉ ଏକ ବଡ଼ ଖବର ସାମ୍ନାକୁ ଆସିଛି। ପ୍ରସିଦ୍ଧ ନିର୍ଦ୍ଦେଶକ ଶ୍ରୀ କାର୍ତ୍ତିକଙ୍କ ଆଗାମୀ ସିନେମାରେ ରୁକ୍ମିଣୀ ମୁଖ୍ୟ ନାୟିକା ଭାବରେ ଅଭିନୟ କରିବେ ବୋଲି ସ୍ପଷ୍ଟ ହୋଇଛି। ଏହି ନୂତନ ଚଳଚ୍ଚିତ୍ରରେ ସେ ଏକ ସ୍ୱତନ୍ତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ ଚରିତ୍ର 'ଥାରା' ଭୂମିକାରେ ଅଭିନୟ କରୁଥିବା ଦେଖିବାକୁ ମିଳିବ। ଗତକାଲି ଚଳଚ୍ଚିତ୍ର ନିର୍ମାତାଙ୍କ ପକ୍ଷରୁ ଏକ ଆକର୍ଷକ ଭିଡିଓ ଜରିଆରେ ରୁକ୍ମିଣୀଙ୍କ ଏହି ପ୍ରୋଜେକ୍ଟରେ ସାମିଲ ହେବା ନେଇ ?ପଚାରିକ ଘୋଷଣା କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଫିଲ୍ମର ନାମ କିମ୍ବା ଶୀର୍ଷକ ଘୋଷଣା କରାଯାଇ ନଥିଲେ ମଧ୍ୟ ଏହାକୁ ନେଇ ସିନେମାପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଜଣେ ପ୍ରତିଭାବାନ କଳାକାର ଭାବରେ ରୁକ୍ମିଣୀ ବସନ୍ତଙ୍କ ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ଏବଂ ସେ ଆଗାମୀ ଦିନରେ ଭାରତୀୟ ସିନେମାକୁ ଆହୁରି ଅନେକ ସଫଳ ଚଳଚ୍ଚିତ୍ର ଦେଇପାରିବେ ବୋଲି ଆଶା କରାଯାଉଛି।

# ପ୍ରଭାସଙ୍କ ଜନ୍ମଦିନରେ 'ଫୌଜି' ଟିଜର୍ ମୁକ୍ତିଲାଭ



ପ୍ରଭାସଙ୍କ ୪୭ତମ ଜନ୍ମଦିନ ଅବସରରେ ଭାରତୀୟ ସିନେମା ଜଗତରେ ଏକ ବଡ଼ଧରଣର ଚହଳ ସୃଷ୍ଟି ହୋଇଛି, ଯାହାକି ତାଙ୍କର ଆଗାମୀ ବହୁ ପ୍ରତୀକ୍ଷିତ ତଥା ମହତ୍ତ୍ୱପୂର୍ଣ୍ଣ ଚଳଚ୍ଚିତ୍ର 'ଫୌଜି'ର ଟିଜର୍ ମୁକ୍ତିଲାଭ କରିବା ପରେ ପୂର୍ବପେକ୍ଷା ଅଧିକ ଦ୍ୱିଗୁଣିତ ହୋଇଯାଇଛି। ଭାରତୀୟ ସିନେମାରେ ପ୍ୟାନ୍-ଇଣ୍ଡିଆନ୍ ସୁପରଷ୍ଟାର୍ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପ୍ରଭାସ, ଏହି ଫିଲ୍ମରେ ଏକ ସମ୍ପୂର୍ଣ୍ଣ ନୂତନ, ଉଗ୍ର ଏବଂ ଗମ୍ଭୀର ଅବତାରରେ ନଜର ଆସିବାକୁ ଯାଉଛନ୍ତି, ଯାହାକୁ ନେଇ ସାରା ଦେଶର ସିନେପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଓ ଉତ୍ସାହ ଦେଖିବାକୁ ମିଳିଛି।

ଏହି ଚମତ୍କାର ଟିଜରର ରୋମାଞ୍ଚକର ଦୃଶ୍ୟଗୁଡ଼ିକୁ ଆପଣ ଉପରୋକ୍ତ ଭିଡିଓରେ ସ୍ପଷ୍ଟ ଭାବରେ ଦେଖିପାରିବେ, ଯାହା ଫିଲ୍ମର ଭବ୍ୟତା ଏବଂ ଏହାର କାହାଣୀର ଗାମ୍ଭୀର୍ଯ୍ୟତାକୁ ବେଶ୍ ସ୍ପଷ୍ଟ ଭାବରେ ପ୍ରତିଫଳିତ କରିଥାଏ। ଟିଜର୍ ଆରମ୍ଭରୁ ହିଁ ଦର୍ଶକଙ୍କୁ ଏକ ସମ୍ପୂର୍ଣ୍ଣ ଭିନ୍ନ ସିନେମାଟିକ୍ ଯାତ୍ରାକୁ ଟାଣି ନେଇଥାଏ, ଯାହାର ପୃଷ୍ଠଭୂମି ବର୍ଲିନ ସହରରୁ ଆରମ୍ଭ ହୋଇଥାଏ। ସେଠାରେ ବ୍ରିଟିଶ୍ ଶାସନ କାଳରେ ଭାରତରେ ହୋଇଥିବା ଅମାନୁଷିତ ଅତ୍ୟାଚାର ଏବଂ ଦମନଲୀଳାକୁ ନେଇ ଆଡଲଫ୍ ହିଟଲର୍ ଏବଂ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମଧ୍ୟରେ ଏକ ଅତ୍ୟନ୍ତ ତୀବ୍ର ତଥା ଐତିହାସିକ ଆଲୋଚନା ଦେଖିବାକୁ ମିଳିଥାଏ, ଯାହା ଫିଲ୍ମର ସମୟକାଳ ଏବଂ ଏହାର ପରିବେଶକୁ ବେଶ୍ ନିଖୁଣ ଭାବରେ ବର୍ଣ୍ଣନା କରିଥାଏ।

ଟିଜର୍ ଯେତିକି ଆଗକୁ ବଢ଼ିବାରେ ଲାଗେ, ସେତିକି ଏହାର ରୋମାଞ୍ଚ ଏବଂ ରହସ୍ୟାବୃତ ପରିବେଶ ଆହୁରି ଘନଭୂତ ହୋଇଥାଏ। ଏଥିରେ ଜଣେ ଏକାକୀ ଏବଂ ବିଦ୍ରୋହୀ ଯୋଦ୍ଧାଙ୍କୁ ଚିତ୍ରଣ କରାଯାଇଛି, ଯିଏ ବ୍ରିଟିଶ୍ ସାମ୍ରାଜ୍ୟର ଭିତ୍ତିଭୂମିକୁ ହଲାଇ ଦେବା ପାଇଁ ଏକାକୀ ପର୍ଯ୍ୟାପ୍ତ ସାଜିଛନ୍ତି ଏବଂ ସେମାନଙ୍କ ଶିବିରରେ କମ୍ପନ ସୃଷ୍ଟି କରୁଛନ୍ତି। ବ୍ରିଟିଶମାନଙ୍କ ବିରୁଦ୍ଧରେ ସଂଗ୍ରାମ କରୁଥିବା ଜଣେ ନିର୍ଭୀକ ସୈନିକ ଭାବରେ ପ୍ରଭାସଙ୍କ ଏହି ନୂତନ ଅବତାର ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ପ୍ରଶଂସନୀୟ ହୋଇଛି। ବିଶେଷକରି, ଟିଜରର ଶେଷ ଭାଗରେ ପ୍ରଭାସଙ୍କ ଦ୍ୱାରା ଉଚ୍ଚାରିତ ହୋଇଥିବା ଡାଏଲଗ୍ ଦର୍ଶକଙ୍କୁ ସିଟ୍ ?ରେ ଜାବୁଡ଼ି ରଖିବା ପାଇଁ ବାଧ୍ୟ କରିଥାଏ, ଯେଉଁଥିରେ ସେ ଅତ୍ୟନ୍ତ କ୍ରୋଧ, ଦୃଢ଼ତା ଏବଂ ଦେଶପ୍ରେମର ଭାବନା ସହିତ କହୁଛନ୍ତି ଯେ 'ହେ ବିଦେଶୀ- ମୁଁ ତୋର ରକ୍ତ ନେବି, ଆଉ ତୋ ଠାରୁ ସ୍ୱାଧୀନତା ମଧ୍ୟ ଛଡ଼ାଇ ନେବି!' ଏହି ଏକମାତ୍ର ସଂଳାପଟି ସିନେମା ପ୍ରେମୀଙ୍କ ମନରେ ଏପରି ଏକ ଚାଞ୍ଚଲ୍ୟ ସୃଷ୍ଟି କରିଛି ଯେ ଏହାକୁ ନେଇ ସୋସିଆଲ ମିଡିଆରେ ବ୍ୟାପକ ଚର୍ଚ୍ଚା ଜାରି ରହିଛି।

ଭାରତୀୟ ସିନେମା ଜଗତରେ ଏକାଧିକ ବ୍ଲକବଷ୍ଟର ଚଳଚ୍ଚିତ୍ର ଏବଂ ଅଭୂତପୂର୍ବ ଆୟ ମାଧ୍ୟମରେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପ୍ରଭାସ, ଏହି ଫିଲ୍ମରେ ଏକ ସମ୍ପୂର୍ଣ୍ଣ ଭିନ୍ନ ଅନ୍ଦାଜରେ ନଜର ଆସିବେ ବୋଲି ପ୍ରଶଂସକମାନେ ଆଶା ପୋଷଣ କରିଛନ୍ତି। ଟିଜର୍ ମୁକ୍ତିଲାଭ କରିବା ମାତ୍ରେ ତାଙ୍କର ବିଶାଳ ପ୍ରଶଂସକ ଗୋଷ୍ଠୀ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକରେ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ଏହି ଭିଡିଓର ଭୂରି ଭୂରି ପ୍ରଶଂସା କରିଛନ୍ତି। ଅନେକ ସିନେ ସମୀକ୍ଷକ ଏହାକୁ ଏକ ଅଭୂତପୂର୍ବ, ଭବ୍ୟ ଏବଂ ସମ୍ପୂର୍ଣ୍ଣ ରୋମାଞ୍ଚକର ସିନେମାଟିକ୍ ଅନୁଭୂତି ବୋଲି ବର୍ଣ୍ଣନା କରିଛନ୍ତି, ଯାହା ଆଗାମୀ ଦିନରେ ବକ୍ସ ଅଫିସର ସମସ୍ତ ପୁରୁଣା ରେକର୍ଡ ଭାଙ୍ଗିବାର କ୍ଷମତା ରଖିଛି।

ଏହି ଚମତ୍କାର ଟିଜର୍ ସହିତ ନିର୍ମାତାମାନେ ଚଳଚ୍ଚିତ୍ରର ରିଲିଜ୍ ତାରିଖକୁ ମଧ୍ୟ ଅଫିସିଆଲ୍ ଭାବରେ ଘୋଷଣା କରିଛନ୍ତି, ଯାହା ପ୍ରଶଂସକଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଦେଇଛି। ଏକ ସରକାରୀ ବିଜ୍ଞପ୍ତି ଜରିଆରେ ସେମାନେ ଜଣାଇଛନ୍ତି ଯେ ଉପସ୍ଥାପନ କରୁଛୁ 'ଡିକଲାସିଫାଏଡ୍ ଫାଇଲ୍ ନଂ. ୨୫' ଅର୍ଥାତ୍ 'ଫୌଜି', ଯାହାକି ଆଗାମୀ ୧୯ ମାର୍ଚ୍ଚ, ୨୦୨୬ ମସିହାରେ ସିନେମାଘରଗୁଡ଼ିକୁ ଆସିବ। ଏହି ବହୁପ୍ରତୀକ୍ଷିତ ଐତିହାସିକ ନାଟକୀୟ ଚଳଚ୍ଚିତ୍ରଟିକୁ ପ୍ରତିଷ୍ଠିତ ନିର୍ଦ୍ଦେଶକ ହନୁ ରାଘବପୁଡ଼ି ଅତ୍ୟନ୍ତ ନିଖୁଣ ଭାବରେ ନିର୍ଦ୍ଦେଶନା ଦେଇଛନ୍ତି। ଏହାକୁ 'ମୈତ୍ରୀ ମୁଭି ମେକର୍ସ'ର ପ୍ରତିଷ୍ଠିତ ବ୍ୟାନରରେ ନବୀନ ୟେର୍ନେନି, ୱାଇ. ରବି ଶଙ୍କର ଏବଂ 'ଟି-ସିରିଜ୍ ଫିଲ୍ମସ୍'ର ପ୍ରମୁଖ ଭୂଷଣ କୁମାର ମିଳିତ ଭାବରେ ପ୍ରଯୋଜନା କରିଛନ୍ତି। ନିର୍ଦ୍ଦେଶକ ହନୁ ରାଘବପୁଡ଼ି ଏବଂ ସୁପରଷ୍ଟାର୍ ପ୍ରଭାସଙ୍କ ଏହି ଯୋଡ଼ି ବଡ଼ ପରଦାରେ ଏକ ବିରାଟ ଇତିହାସ ସୃଷ୍ଟି କରିବ ଏବଂ ଦର୍ଶକଙ୍କୁ ଏକ ଅଭୂତପୂର୍ବ ଦୃଶ୍ୟାନୁଭୂତି ଭେଟିଦେବ ବୋଲି ସିନେମା ଜଗତରେ ଦୃଢ଼ ଆଶା ପୋଷଣ କରାଯାଉଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ্পাଦକ: ତପନ ବିହାରୀ ଭଞ୍ଜ